### ସ୍ୱପ୍ନ ପାଲଟିଛି ସହରବାସୀଙ୍କ ଆମୋଦପ୍ରମୋଦ

# ଶିଳାନ୍ୟାସକୁ ସାଢେ ଚାରି ବର୍ଷ; ହୋଇପାରିଲାନି ସୌନ୍ଦର୍ଯ୍ୟକରଣ

- ହୋର୍ଡିଂରେ ସୀମିତ ଜଳାଶୟ ଉନ୍ନତିକରଣ
- 'ମହାଭୋଇ' ପ୍ରତି ଅବହେଳା ନେଇ ପ୍ରଶ୍ନ





କେନ୍ଦ୍ରାପଡ଼ା, ୧୬।୩(ସମିସ): ଶିଳାନ୍ୟାସକୁ ସାଢେ ଚାରି ବର୍ଷ ବିତିଲା। ପ୍ରଶାସନିକ ଅବହେଳା ପାଇଁ ସୋନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇପାରୁନି। ଏପର୍ଯ୍ୟନ୍ତ ବିଭାଗୀୟ ମଞ୍ଜୁରୀ ମିଳିନି। ମଞ୍ଜୁରୀ ମିଳିଲେ ଟେଣ୍ଡର୍ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ଆମେ କହୁଛୁ ସହରର ମହାଭୋଇ ପୋଖରୀର କଥା। କେବଳ ମହାଭୋଇ ପୋଖରୀ ନୁହେଁ, ସହରର ଏହିଭଳି ୧୮ ଟି ଜଳାଶ୍ରୟର ପୁନଃରୁଦ୍ଧାର ପାଇଁ କେବଳ ଡିପିଆର ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। କିନ୍ତୁ ବାସ୍ତବରେ କାମ ଶୂନ ବୋଲି ଦେଖିବାକୁ ମିଳୁଛି।

ମହାଭୋଇ ପୋଖରୀ ଶିଳାନ୍ୟାସକୁ ସାଢେ ଚାରି ବର୍ଷ ବିତିଗଲାଣି, କିନ୍ତୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏପର୍ଯ୍ୟନ୍ତ ଫଳକରେ ସୀମିତ ରହିଛି। ନା' କାମ ଆରମ୍ଭ ହେଇପାରୁଛି ନା' ସହରବାସୀଙ୍କ ଆମୋଦପ୍ରମୋଦ ସ୍ୱପ୍ନ ସାକାର ହେଉଛି। ବିଡମ୍ବନାର ବିଷୟ ହେଉଛି, ଏଯାଏ ପ୍ରକଳ୍ପକୁ ବିଭାଗୀୟ ମଞ୍ଜୁରୀ ମିଳିନାହିଁ। ଦୁଇ ଦୁଇ ଥର ବ୍ୟୟ ଅଟକଳ ବୃଦ୍ଧି ସହିତ ଡିପିଆର୍ ପଠାଯାଇଛି। ମାତ୍ର ମଞ୍ଜୁରୀ ମିଳୁନଥିବାରୁ ଏହି ବହୁ ପ୍ରତୀକ୍ଷିତ ଛଅ କୋଟିର ପ୍ରକଳ୍ପ ଟେଣ୍ଡରକୁ ଯାଇପାରୁନାହିଁ। ଶିଳାନ୍ୟାସର ସାଢେ ଚାରି ବର୍ଷ ପରେ ବି ଯଦି ପ୍ରକଳ୍ପ ବିଭାଗୀୟ ମଞ୍ଜୁରୀ ଅପେକ୍ଷାରେ ରହିବ, ତେବେ ଟେଣ୍ଡର୍ ହେଇ କାମ ଶେଷ ହେଲା ବେଳକୁ କେତେବର୍ଷ ଲାଗିଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଗତ ୨୦୧୯ ଅଗଷ୍ଟ ୩୧ ସ୍ୱାୟତ୍ତଶାସନ ଦିବସରେ ଏହି ପ୍ରକଳ୍ପର ଶୁଭ ଦିଆଯାଇଥିଲା। ମହାଭୋଇ ପୋଖରୀର ଉନ୍ନତିକରଣ କରାଯାଇ ଚାରିପାଖ ପଥର ପ୍ୟାଙ୍କିଂ ସହିତ ଉଜ୍ଜ୍ୱଳ ଏଲଇଡି ଲାଇଟ୍ ଲଗାଯିବାର ଯୋଜନା ଥିଲା। ଏଥିରେ ବୋଟିଂ ସୁବିଧା ରହିବ। ଓପନ୍ ଜିମ୍ ସାଙ୍ଗକୁ ରନିଂ ଟ୍ରାକ୍ ଆଉ ଫୁଡ୍ ପାର୍କର ସୁବିଧା ରହିବାକୁ କୁହାଯାଇଥିଲା। ସେତେବେଳେ ପ୍ରକଳ୍ପର ବ୍ୟୟ ଅଟକଳ ୨କୋଟି ରଖାଯାଇଥିଲା। ସେହି ଅନୁଯାୟୀ ଠିକାଦାର ପୋଖରୀରୁ ପାଣି ଶୁଖାଇବା କାମ ଆରମ୍ଭ କରିଥିଲା। କିନ୍ତୁ ପୋଖରୀରୁ ପାଣି ତ' ଶୁଖିଲା ନାହିଁ, ଓଲଟା ଠିକାଦାର କାମ ଅଧାରୁ ଛାଡ଼ି ପଳାଇଗଲେ।

ତା'ପରେ ପ୍ରସ୍ତାବିତ ପ୍ରକଳ୍ପର ରୂପରେଖ ବଦଳାଯାଇ ଆଉ ଥରେ ଡିପିଆର୍ ପ୍ରସ୍ତୁତ କରାଗଲା। ବ୍ୟୟ ଅଟକଳ ୨କୋଟିରୁ ବଢ଼ି ୬କୋଟି କରାଗଲା। ପ୍ରସ୍ତାବିତ ପ୍ରକଳ୍ପରେ ଅନେକ ନୂତନ ସୁବିଧାକୁ ଯୋଡାଗଲା। ନଗର ଉନ୍ନୟନ ବିଭାଗ ଏ ସମ୍ପର୍କିତ ଡିପିଆର୍ ପଠାଯିବା ପରେ ବିଭାଗ ଯୋଜନାର କେତୋଟି ବିନ୍ଦୁ ଉପରେ ଆପତ୍ତି ଉଠାଇ ପୁଣି ଥରେ ମ୍ୟୁନିସିପାଲିଟିକୁ ଫେରାଇଦେଲେ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଆପତ୍ତି ଉଠାଇଥିବା ବିନ୍ଦୁର ଉତ୍ତର ରଖି ବିଭାଗକୁ ପୁଣି ଫାଇଲ୍ ପଠାଇଲେ। ବିଭାଗ ତାହାକୁ ଠିକ୍ ବି କହିଲା। ହେଲେ ପ୍ରକଳ୍ପକୁ ବିଭାଗୀୟ ମଞ୍ଜୁରୀ ମିଳୁନାହିଁ।

କେବଳ ମହାଭୋଇ ପୋଖରୀ ନୁହେଁ ଏହିଭଳି ସହରର ୧୮ ଟି ପୋଖରୀର ଉନ୍ନତିକରଣ ପାଇଁ ଫାଇଲ୍ ଯାଇଛି। ବିଭାଗୀୟ ମଞ୍ଜୁରୀ ମିଳିବା ପରେ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହେବା କଥା। କିନ୍ତୁ ଏଯାଏ ଗୋଟିଏ ବି ପୋଖରୀର ଦଳ ସଫା ହୋଇପାରିଲାନାହିଁ। ସବୁଠୁ ବଡ଼ କଥା ହେଲା ମ୍ୟୁନିସିପାଲିଟି ମଧ୍ୟରେ ଥିବା ଜଳାଶ୍ରୟର ଉନ୍ନତିକରଣ ନାଁରେ ୧୯ ଲକ୍ଷରୁ ଅଧିକ ଟଙ୍କା ଅଧିକ ଖର୍ଚ୍ଚ ହେଲା, କିନ୍ତୁ ପୋଖରୀରୁ ଦଳ ସଫା ନକରି କେବଳ ପୋଖରୀ ହୁଡାକୁ ରଙ୍ଗ କରି ଲାଇଟ ଲଗାଇ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଏବେ ଏହା ବିପର୍ଯ୍ୟସ୍ତ। କେବଳ ଏତିକି ନୁହେଁ ସହରର ଚଉଁରୀବରହମପୁରରେ ଥିବା ଜଳାଶ୍ରୟର ମଧ୍ୟ ଉନ୍ନତିକରଣ ପାଇଁ ଡିପିଆର ପ୍ରସ୍ତୁତ କରାଗଲା। କିନ୍ତୁ ଏପର୍ଯ୍ୟନ୍ତ ପୋଖରୀରୁ ଦଳ ସଫା ବି ହୋଇପାରିଲାନାହିଁ। ତୁରନ୍ତ ଏହିସବୁ କାର୍ଯ୍ୟ ସାରିବାକୁ ସହରବାସୀ ଦାବି କରିଛନ୍ତି।

## ବିଜେଡିରେ ଯୋଗଦାନ ପରେ ଅରବିନ୍ଦଙ୍କ ଡେରାବିଶ ଗସ୍ତ



ଡେରାବିଶ, ୧୬।୩(ସମିସ): ସାଧାରଣ ନିର୍ବାଚନ ୨୦୨୪ ପାଇଁ ଆଜି ତାରିଖ ଘୋଷଣା ହୋଇସାରିଥିବା ବେଳେ ପାଟକୁରା ନିର୍ବାଚନମଣ୍ଡଳୀରେ ଏଥିନିମନ୍ତେ ରାଜନୈତି ଉଷ୍ମତା ବଢ଼ିବାରେ ଲାଗିଛି। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ବିଜେଡ଼ିରେ ଯୋଗଦେବା ପରେ ଆଜି ସନ୍ଧ୍ୟାରେ ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ଆରାଧ୍ୟ ଶ୍ରୀ ଦଧିବାମନଜୀଉଙ୍କ ଦର୍ଶନ ପାଇଁ ଡେରାବିଶ ଗସ୍ତ କରିଥିଲେ। ଶ୍ରୀ ମହାପାତ୍ରଙ୍କୁ ତାଙ୍କ ସମର୍ଥକ ୫୩ ନଂ. ଜାତୀୟ ରାଜପଥର ଓଲଡ଼ି ଛକଠାରୁ ବାଇକ୍ ଶୋଭାଯାତ୍ରାରେ ଦଧିବାମନଜୀଉଙ୍କ ମନ୍ଦିର ପରିସରକୁ ପାଛୋଟି ଆଣିଥିଲେ। ଅରବିନ୍ଦ ଶ୍ରୀଜୀଉଙ୍କୁ ସନ୍ଧ୍ୟା ଆଳତୀ ସମୟରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ପରେ ମନ୍ଦିର ବାହାରେ ଉପସ୍ଥିତ ଥିବା ହଜାର ହଜାର ସମର୍ଥକଙ୍କୁ ସମ୍ବୋଧିତ କରିଥିଲେ।

ଉପସ୍ଥିତ ସମସ୍ତଙ୍କୁ ଅରବିନ୍ଦ ନିଜ ବକ୍ତବ୍ୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡ଼ିରେ ସାମିଲ କରି ପାଟକୁରା ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଅରବିନ୍ଦଙ୍କୁ ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି ଏକ ବିଶାଳ ଫୁଲହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ପାଳିମୀରେ ସଚେତନତା କାର୍ଯ୍ୟକ୍ରମ



ଗୋବିନ୍ଦପୁର, ୧୬।୩(ସମିସ): ଆଜି ବ୍ଲକ ପାଳିମୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଯୁବ ବିଜେଡି ସଭାପତି କେଦାରନାଥ ବେହେରା, ପାଳିମୀ ପଞ୍ଚାୟତ ବିଜେଡି ସଭାପତି ଜଳଧର ସାହୁ, ବରିଷ୍ଠ ନାଗରିକ ନନ୍ଦକିଶୋର ନାୟକ, ବାମନ ସାମଲ, ରବିନାରାୟଣ ସାମଲ, ପ୍ରମୁଖ ଯୋଗ ଦେଇଥିଲେ। ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ତ୍ରିଲୋଚନ ବେହେରା, ବାବାଜୀ ଚରଣ ସାହୁ, ଶରତ ଚନ୍ଦ୍ର ପାଣ୍ଡବ, ସାନ୍ତୋନୁ ସାମଲ, ନିରଞ୍ଜନ ଦାସ, ରମେଶ ଚନ୍ଦ୍ର ସୂତାର, ଅଭିନ୍ନ ଚରଣ ସାମଲ, ଅଶ୍ୱିନୀ କୁମାର ସାମଲ, ନଟବର ମଳିକ, ଶ୍ରୀକାନ୍ତ ସାମଲ, ସ୍ୱାଧିନ ଦାସ, ନିରାକାର ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବ ନିର୍ମାଣ କୃଷକ ସଂଗଠନର ଚାଷୀ ସମାବେଶ

ମାର୍ଶାଘାଇ, ୧୬।୩(ସମିସ): ମାର୍ଶାଘାଇ କୁସୁନପୁର ଆଖଣ୍ଡଳମଣି ମନ୍ଦିର ପରିସରରେ ନବ ନିର୍ମାଣ କୃଷକ ସଂଗଠନର ଏକ ଚାଷୀ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଆବାହକ ଅକ୍ଷୟ କୁମାର, ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଉତ୍ତର ପ୍ରଦେଶ ପ୍ରତିନିଧି ରାହୁଲ ଶୁକ୍ଲା, ମେହେଙ୍ଗ ଯାଦବ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ଉନ୍ନତି ପାଇଁ ପ୍ରସ୍ତାବମାନ ଆଲୋଚନା କରିଥିଲେ। ନବ ନିର୍ମାଣ କୃଷକ ସଂଗଠନର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅକ୍ରୁର ପଲେଇ ସଭାପତିତ୍ୱ କରିଥିବା ବେଳେ, ପ୍ରତାପ ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ଏବଂ ଧନ୍ୟବାଦ ଦେଇଥିଲେ। ସମାବେଶରେ ୨ ଶହ ଚାଷୀନେତା ଉପସ୍ଥିତ ରହି ୮୦ଭାଗ ଚାଷୀ କେମିତି ନିଜର ପ୍ରତିନିଧିମାନଙ୍କୁ ବିଧାନସଭା ଓ ଲୋକସଭା ପଠାଇବେ ସେ ବାବଦରେ ଆଲୋଚନା କରିଥିଲେ।

## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



ରାଜନଗର, ୧୬।୩(ସମିସ): ରାଜନଗର ବ୍ଲକ ବିଜୁ ଜନତା ଦଳର ନୂତନ କାର୍ଯ୍ୟାଳୟ ଆଜି ଉଦ୍‌ଘାଟିତ ହୋଇଛି। ରାଜନଗର ନୂଆ ବାଇପାସ୍‌ଠାରେ ଏହି ନୂତନ କାର୍ଯ୍ୟାଳୟର ପୂଜାର୍ଚ୍ଚନା ପରେ ଆଜି ଉଦ୍‌ଘାଟିତ ହୋଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜେଡି ନେତା ବିଜୟ ନାୟକ, ନରହରି ଜେନା, ପ୍ରଦୀପ ଲେଙ୍କା, ଯୁବ ବିଜେଡି ସଭାପତି ଆର୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ସରପଞ୍ଚ ଅଶୋକ କୁମାର ମହାନ୍ତି, ପ୍ରସନ୍ନ ପରିଡ଼ା, ଶାନ୍ତିଲତା ବିଶ୍ୱାଳ, ବୀଣାପାଣୀ ପ୍ରଧାନ, ରାଣୀ ମଞ୍ଜରୀ ସେଠୀ, ମଞ୍ଜୁଳା ଦାସ, ସୁଶ୍ରୀ ସଙ୍ଗୀତା ମିଶ୍ର, ପୂର୍ବତନ ସରପଞ୍ଚ କାନ୍ତିଲତା ବେହେରା, ସମିତିସଭ୍ୟ ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ନିର୍ବାଚନ ଘୋଷଣା ପରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ପଟ୍ଟାମୁଣ୍ଡାଇ, ୧୬।୩(ସମିସ): ସାଧାରଣ ନିର୍ବାଚନ ସହ ଓଡ଼ିଶା ସମେତ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ତାରିଖ କେନ୍ଦ୍ର ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ମେ ୧୩ରୁ ଆରମ୍ଭ ହୋଇ ଜୁନ ୧ ତାରିଖ ପର୍ଯ୍ୟନ୍ତ ୪ ପର୍ଯ୍ୟାୟରେ ଭୋଟ ଦାନ ଅନୁଷ୍ଠିତ ହେବ। ଜୁନ୍ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭୋଟ ଦାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଜୁନ ୧ ତାରିଖରେ କେନ୍ଦ୍ରାପଡ଼ା ଓ ରାଜନଗର ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ୧୨ ପଞ୍ଚାୟତ କେନ୍ଦ୍ରାପଡ଼ା ବିଧାନସଭା ଓ ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ରାଜନଗର ବିଧାନସଭା ଆସନ ଅନ୍ତର୍ଭୁକ୍ତ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ୧୪ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଅଫିସର ମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମା ସାଗର ପଣ୍ଡା ଓ ଆଦର୍ଶ ଥାନା ଆଇ ଆଇ ସି ରଞ୍ଜିତ ମହାନ୍ତି ଓ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ପଦ୍ମାଳୟା ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ବାହିନୀ ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରି ଅସାମାଜିକ କାର୍ଯ୍ୟକଳାପ ଉପରେ କଡା ନଜର ରଖିଛନ୍ତି। ନିର୍ବାଚନ ସମୟରେ କୌଣସି ଗଣ୍ଡଗୋଳ ଓ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀମାନେ ଚେତାଇ ଦେଇଛନ୍ତି।

## ଥାଲାସେମିଆ ରୋଗୀଙ୍କ ପାଇଁ ଅଣ୍ଟା ଭିଡ଼ିଲା ଶ୍ରୀଜଗନ୍ନାଥ ଟ୍ରଷ୍ଟ

କେନ୍ଦ୍ରାପଡ଼ା, ୧୬।୩(ସମିସ): ଗ୍ରୀଷ୍ମ ଋତୁରେ ପ୍ରାୟ ସମସ୍ତ ରକ୍ତ ଭଣ୍ଡାରରେ ଅଭାବ ଦେଖାଯାଇଥାଏ। ଏମିତିକି ଏହି ସମୟରେ ନା ଅଛି ରକ୍ତଦାନ ଶିବିର ନା ଅଛି ଅନ୍ୟାନ୍ୟ ବିଭାଗର ରକ୍ତଦାନ କାର୍ଯ୍ୟକ୍ରମ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖା ଦେଇଛି। ଯାହାକୁ ପୁରଣ କରିବାକୁ ପ୍ରୟାସ ଜାରି ରଖିଛି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ଆଜି କିଛି ଥାଲାସେମିଆ ରୋଗୀଙ୍କ ଅଭିଭାବକମାନେ ଟ୍ରଷ୍ଟର ସଭାପତିଙ୍କୁ ରକ୍ତ ପାଇଁ ଅନୁରୋଧ କରିଥିଲେ। ଟ୍ରଷ୍ଟର ସଭାପତି ଦମନ ମହାନ୍ତି କିଛି ରକ୍ତଦାତାଙ୍କୁ ନେଇ ଆଜିର ରକ୍ତଦାନ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ରାଜେନ୍ଦ୍ର ପ୍ରସାଦ ସାହୁ, ଋତୁରାଜ ସ୍ୱାଇଁ ଓ ଶିଶିର କୁମାର ଦାସ ଆଜିର ରକ୍ତଦାନ କରିଛନ୍ତି।

## ଅଳପୁଆ-ବଲୁରିଆ ସୌର ଆଲୋକୀକରଣ ପ୍ରକଳ୍ପର ଶିଳାନ୍ୟାସ




ପଟ୍ଟାମୁଣ୍ଡାଇ, ୧୬।୩(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବନ୍ୟା ବିପନ୍ନ ଲୋକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଘୋଷଣା ପୂର୍ବରୁ ଏକ ବୃହତ ସୌର ଆଲୋକୀକରଣ ପ୍ରକଳ୍ପ ଭେଟି ଦେଇଛନ୍ତି। କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟାବିପନ୍ନ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣ୍ଠପାଳ, ତରଡ଼ିପାଳ ଓ ଅଳପୁଆ ଆଦି ପଞ୍ଚାୟତର ଲୋକମାନେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥାନ୍ତି। ଘନ ଅନ୍ଧକାର ମଧ୍ୟରେ ଗୃହବନ୍ଦୀ ଲୋକମାନେ ରୋଷେଇ ନକରି ଉପବାସରେ ରହୁଥିବାବେଳେ ବହୁ ସମୟରେ ସର୍ପାଘାତର ଶିକାର ହୋଇଥାନ୍ତି। ଏହି ସମୟରେ ବିଦ୍ୟୁତ ସେବା ଅଭାବରୁ ଲୋକମାନେ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା କଷ୍ଟକର ହୋଇପଡେ। ବନ୍ୟା ବିପନ୍ନ ଲୋକମାନଙ୍କୁ ସ୍ଥାୟୀ ସୌର ଆଲୋକ ବ୍ୟବସ୍ଥା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଧୋୟା ଅଞ୍ଚଳର ଅଳପୁଆରୁ ବଲୁରିଆ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତର ବନ୍ୟାବିପନ୍ନ ଲୋକମାନଙ୍କୁ ସୌରଆଲୋକ ଯୋଗାଇ ଦେବାକୁ ୧ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି ଓ ଆଜି ପୂର୍ବାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଶଶିଭୂଷଣ ବେହେରା ପେଣ୍ଠପାଳ ଠାରେ ଅଳପୁଆ-ବଲୁରିଆ ସୌର ଆଲୋକୀକରଣ ପ୍ରକଳ୍ପ ଶିଳାନ୍ୟାସ କରି ଧୋୟାଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବୀ ପୂରଣ ହୋଇଛି ବୋଲି ପ୍ରକାଶ କରିବା ସହିତ ଏହି ପ୍ରକଳ୍ପ ବାବଦରେ ୧ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ୧୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସରପଞ୍ଚ ଦେବେନ୍ଦ୍ର ନାୟକ, ଅଣ୍ଡରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ, ଅମୃତମଣୋହି ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ, ପୂର୍ବତନ ସମିତିସଭ୍ୟ ପ୍ରଭାତ ସେଠୀ, ବଲୁରିଆ ସରପଞ୍ଚ ଦେବକୀ ମଲିକ, ପେଣ୍ଠପାଳ ବିଜେଡି ସଭାପତି କେଦାର ବିଶ୍ୱାଳ, ଯୁବନେତା ଭାରତ ଭୂଷଣ ନାୟକ, ଜ୍ୟୋତିପ୍ରକାଶ ମଲ୍ଲିକ, ରଶ୍ମି ରଞ୍ଜନ ଭଟ୍ଟ ପ୍ରମୁଖ ଯୋଗ ଦେଇଥିଲେ।

### ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ନୂତନ କାର୍ଯ୍ୟାଳୟ ଲୋକାର୍ପିତ

# ସମ୍ବିଧାନ ମୁଖବନ୍ଧ ପ୍ରାର୍ଥନାରେ ସାମିଲ ପାଇଁ ପରାମର୍ଶ

ରାଜନଗର, ୧୬।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ରାଜନଗର ବ୍ଲକ ଚକ୍ରଧରପୁର ଠାରେ ନବନିର୍ମିତ ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ନୂତନ କାର୍ଯ୍ୟାଳୟ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ସିଂ ଉଦ୍‌ଘାଟନୀ ଅଭିଭାଷଣରେ ଆଜି ଏଠାରେ ଆମେ ଗ୍ରାମ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ବିଲ୍ଡିଂର ଉଦ୍‌ଘାଟନ କରୁଛୁ। ମୁଁ ଓଡ଼ିଶା ଓ ଓଡିଆ ଭାଷାକୁ ଭଲପାଏ। ସେଥିପାଇଁ ଓଡିଆ କହିବା ପାଇଁ ଚେଷ୍ଟା କରୁଛି। ଏହି କୋର୍ଟ ବିଲ୍ଡିଂ ଉଦ୍‌ଘାଟନ ଆପଣମାନଙ୍କର ବହୁ ଦିନର ଆଶା ଆଜି ପୂରଣ ହୋଇଛି। ଏହାଦ୍ୱାରା ଏହି ଅଞ୍ଚଳର ନ୍ୟାୟିକ ବ୍ୟବସ୍ଥା ଆହୁରି ସୁଦୃଢ ହୋଇପାରିବ ଓ ସାଧାରଣ ଜନତାଙ୍କ କଲ୍ୟାଣରେ ସହାୟକ ହେବ ବୋଲି ଆଶା ଓ ଦୃଢ ବିଶ୍ୱାସ। ଏହି କୋର୍ଟ ଆପଣ ମାନଙ୍କର। ଓକିଲ ଭାଇ ଭଉଣୀମାନେ ଏହି କୋର୍ଟ କିପରି ସୂଚାରୁ ରୂପେ ଚାଲିବ, ତାର ଦାୟିତ୍ୱ ନେବା ସହ ଆପଣମାନେ ଏହାର ପରିବେଶକୁ ଏପରି ଭାବେ ରଖିବା ଉଚିତ ଯେକୌଣସି ଲୋକ ଆସିଲେ, ତାଙ୍କ ମନରେ ଭିନ୍ନ ସକାରତ୍ମକ ଚିନ୍ତାଧାରା ସୃଷ୍ଟି ହେବା ଦରକାର। ବିଦ୍ୟାଳୟ ମାନଙ୍କରେ ପ୍ରାର୍ଥନା ସଭା ହୁଏ। ଏହି ପ୍ରାର୍ଥନା ସଭାରେ ପ୍ରିଏମ୍ବୁଲ ସାମିଲ ପାଇଁ ପରାମର୍ଶ ଦେଇଥିଲେ। ଏଠାରେ ଥିବା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ମୁଁ ନିର୍ଦ୍ଦେଶ ଦେଉନି, ପରାମର୍ଶ ଦେଉଛି ବିଦ୍ୟାଳୟ ପ୍ରାର୍ଥନା ସଭାରେ ଏହି ପ୍ରିଏମ୍ବୁଲକୁ ସାମିଲ କରିବା ପାଇଁ। ଏଥିସହ ମୁଁ ଅନୁଭବ କରୁଛି ଏଭଳି ସୁନ୍ଦର ବିଲ୍ଡିଂ ଏ ଅଞ୍ଚଳରେ କେଉଁଠି ଦେଖିନି। ଅତ୍ୟାଧୁନିକ ସୁବିଧା ଆଇନଜୀବି, ସାଧାରଣ ଲୋକ, ସାକ୍ଷୀ, କୋର୍ଟ କର୍ମଚାରୀଙ୍କ ପାଇଁ ରହିଛି। ମୋ ଭିଜନରେ କିଛି କମି ରହିଯାଇଥାଇପାରେ, ଏଭଳି ଭଲ କୋର୍ଟ ବିଲ୍ଡିଂ ଆଉ କେଉଁଠି ନଜରକୁ ଆସିନି ବୋଲି ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ସିଂ କହିଥିଲେ। ଏଥିସହ ପିଲାମାନେ ଆମର ଭବିଷ୍ୟତ, ଆଶା ରଖୁଛି ଆମେ ଆଜି ଯେଉଁ ସ୍ଥାନରେ ଅଛୁ ଆସନ୍ତା କାଲି ସେ ସ୍ଥାନରେ ବସିପାରିବେ ବୋଲି କହିଥିଲେ। ଏ ସମୟ ପାଠ ପଢ଼ିବାର ସମୟ, ଭଲଭାବେ ଅଧିକ ପାଠ ପଢ଼ିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଲିଗାଲ ସର୍ଭିସ ଅଥରିଟି ସୁମିତ୍ରା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କୋର୍ଟ ଲୋକାର୍ପଣ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ତଥା କୋର୍ଟ ବିଲ୍ଡିଂ କମିଟିର ଅଧ୍ୟକ୍ଷ ଡଃ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ହାଇକୋର୍ଟର ବିଚାରପତି ତଥା ଆଡମିନିଷ୍ଟ୍ରେଟିଭ ଜଜ୍ କେନ୍ଦ୍ରାପଡ଼ା ଡଃ. ସଞ୍ଜୀବ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଜିଲ୍ଲା ଦୌରାଜଜ୍ ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜନଗର ବାର୍ ଆସୋସିଏସନର ସଭାପତି ଉମେଶ ଚନ୍ଦ୍ର ଦାସ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ଜଜ୍‌ଙ୍କ ପକ୍ଷରୁ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କୁ ମୋମେଣ୍ଟୋ ପ୍ରଦାନ କରାଯାଇଥିବାବେଳେ ରାଜନଗର ବାର୍ ଆସୋସିଏସନର ସଭାପତି ଭିତରକନିକାର ଜୀବଜନ୍ତୁ ସମ୍ପର୍କିତ ଫଟୋଚିତ୍ର ପ୍ରଦାନ କରିଥିଲେ।



ରାଜନଗର ବାର୍ ଆସୋସିଏସନର ସମ୍ପାଦକ ଭଜକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କୋର୍ଟ ଲୋକାର୍ପଣ ଉତ୍ସବରେ ରାଜନଗର ଗ୍ରାମ ନ୍ୟାୟାଳୟ ତଥା ଜେଏମଏଫସି କୋର୍ଟର ବିଚାରପତି ଜ୍ୟୋତିର୍ମୟୀ ଷଡଙ୍ଗୀ, ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ, କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସମ୍ପାଦକ ଧନୁର୍ଜୟ ନାୟକ, ପୂର୍ବତନ ସଭାପତି ଭୀମସେନ ଭୂୟାଁ, ସ୍ପେଶାଲ ପିପି ଗୋକୁଳାନନ୍ଦ ଦାସ, ଗୋବର୍ଦ୍ଧନ ରାଉତ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରୀ ବିକାଶ, ଏସ୍‌ପି ସିର୍ଦ୍ଧାର୍ଥ କଟାରିଆ, ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ ପ୍ରମୁଖଙ୍କ ସମେତ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି ବାର୍ ଆସୋସିଏସନର ଆଇନଜିବୀମାନେ ଯୋଗଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ପବିତ୍ରନଗର/କଣିହାଁ, ୧୬ ।୩(ସମିସ)**



କଣିହା ବ୍ଲକ ପରାବିଲ, ତାଳପଦା, ରେଙ୍ଗାଳି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ଓ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ଯୁବ ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠି, ରେଙ୍ଗାଳି ସମିତି ସଭ୍ୟ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ପରାବିଲ ପଞ୍ଚାୟତର ଗହମ ଗ୍ରାମର ମଙ୍ଗଳା ମଣ୍ଡପ, ବିଶ୍ୱାଳ ସାହି କୋଠଘର, ତାଳପଦା ପଞ୍ଚାୟତର ଅଲେଖ ମହିମା ଟୁଙ୍ଗିର ଭୂମି ପୂଜନ, ଶିଙ୍ଗେଶ୍ୱର ମନ୍ଦିରର ଉନ୍ନତିକରଣ, ଦୁର୍ଗା ମଣ୍ଡପର ଭୂମିପୂଜନ, ରେଙ୍ଗାଳି ପଞ୍ଚାୟତର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୂପାନ୍ତିକରଣର ଶୁଭ ଉଦଘାଟନ, ପବିତ୍ରମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ ଗୃହର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ଚନ୍ଦ୍ର ମହାନ୍ତି, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ବୁରୁକୁନା ପଞ୍ଚାୟତ ସମିତି ସଭ୍ୟ ଯୁଗଳ କିଶୋର ସାହୁ, ପରାବିଲ ପଞ୍ଚାୟତ ସଭାପତି ପର୍ଶୁରାମ ବିଶ୍ୱାଳ, ବିରଞ୍ଚି ନାରାୟଣ ସାହୁ, ଧ୍ରୁବଚରଣ ବିଶ୍ୱାଳ, ତାଳପଦା ପଞ୍ଚାୟତ ସଭାପତି ଜିତେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ସାହୁ, ଦଲକ ପଞ୍ଚାୟତ ସଭାପତି ଜୟନ୍ତ ପ୍ରଧାନ, ରେଙ୍ଗାଳି ପଞ୍ଚାୟତ ସଭାପତି ପ୍ରଦୀପ ଦାସ, ମାଧବ ସାମଲ, ଶଶିଶେଖର ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ବନ ବିଭାଗ ତରଫରୁ ସ୍ୱାସ୍ଥ୍ୟ ଶିବିର

ଆଠମଲ୍ଲିକ, ୧୬ ।୩(ସମିସ): ବନ ବିଭାଗ ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଉକ୍ତ ଶିବିର ପରିଚାଳନାରେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡ଼ଃ କିଶୋର ଚନ୍ଦ୍ର ସାହୁ, ଡ଼ଃ ସୁଲଳିତା ସାହୁ, ଡ଼ଃ ପ୍ରୀତିବନ୍ୟା ପ୍ରଧାନ, ଡ଼ଃ ବିଶ୍ୱମ୍ବର ସାହୁ, ଏଏନଏମ ସଂଯୁକ୍ତା ସାହୁ, ଏଏନଏମ ଶୁଭ୍ରାନ୍ତି ନାଏକ ଆଦି ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ପିଲାମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନାଦେବା ସହ ତାଙ୍କର ମ୍ୟାଲେରିଆ, ଫାଇଲେରିଆ, ଓରାଲ ହେଲଥ, ଚକ୍ଷୁ ପରୀକ୍ଷା ଏବଂ ଜେନେରାଲ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପିଲାମାନଙ୍କୁ ମଶାରିର ଉପକାରିତା, ତା'ର ସଦୋପଯୋଗିତା, କୃମି ବାଟିକାର ସେବନ, ରକ୍ତହୀନତା ଓ ତତ୍ ସମ୍ବନ୍ଧୀୟ ସୂଚନା, ହାତଧୁଆ ଆଦି ବିଷୟରେ ଅବଗତ କରାଇଥିଲେ।



# ଅଯୋଧ୍ୟା ରାମ ମନ୍ଦିରରେ ବିଦେଶୀଙ୍କ ସେବାକାର୍ଯ୍ୟ

**ତାଳଚେରସଦର, ୧୬ ।୩(ସମିସ):** ଅଯୋଧ୍ୟାସ୍ଥିତ ରାମ ମନ୍ଦିରରେ ବିଭିନ୍ନ ସେବା କାର୍ଯ୍ୟକରି ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ରାମ ସେବକ ବିଦେଶୀ ଦେହୁରୀ। ତାଳଚେର ବ୍ଲକ ବଡ଼ଯୋରଡ଼ା ଗ୍ରାମ ନିବାସୀ ବିଦେଶୀ ଦେହୁରୀ ଗତ ଫେବ୍ରୁଆରୀ ୨୫ରେ ଟ୍ରେନ ଯୋଗେ ଅଯୋଧ୍ୟା ସ୍ଥିତ ରାମ ମନ୍ଦିରକୁ ଯାଇ ମାର୍ଚ୍ଚ ୭ ତାରିଖ ଯାଏଁ ସେଠାରେ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟରେ ନିମଗ୍ନ ରହିଥିଲେ। ଓଡ଼ିଶାରୁ ମୋଟ ୧୫ ଜଣଙ୍କ ମଧ୍ୟରେ ତାଳଚେରର ଏକମାତ୍ର ରାମ ସେବକ ଭାବେ ଶ୍ରୀ ଦେହୁରୀ ପ୍ରଭୁ ରାମଲାଲାଙ୍କ ମନ୍ଦିରରେ ବିଭିନ୍ନ କାର୍ଯ୍ୟ କରିବାକୁ ସୁଯୋଗ ପାଇଥିଲେ। ଶ୍ରୀ ଦେହୁରୀଙ୍କ ସୂଚନା ଅନୁସାରେ ସେ ଅନ୍ୟ ରାମ ସେବକଙ୍କ ସହ ମିଶି ସେଠାରେ ଭୋଗ ପ୍ୟାକେଟ୍ ତିଆରି କରିବା, ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ପରସିବା, ଭକ୍ତଙ୍କୁ ନେଇ ପ୍ରଭୁ ରାମ ଲାଲାଙ୍କୁ ଦର୍ଶନ କରାଇବା, ଓଡ଼ିଶାର ଭକ୍ତମାନଙ୍କ ସହ ବାର୍ତ୍ତାଳପ କରି ସେମାନଙ୍କୁ ମନ୍ଦିରରେ ସୁରୁଖୁରୁରେ ପହଞ୍ଚାଇବା, ମନ୍ଦିର ପରିସରକୁ ସ୍ୱଚ୍ଛ କରିବା, ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବା ଆଦି ବିଭିନ୍ନ ପ୍ରକାର ସେବା କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କୁ ଦାୟିତ୍ୱ ଦିଆଯାଇଥିବା ସମସ୍ତ କାର୍ଯ୍ୟକୁ ସେ ଶ୍ରଦ୍ଧାର ସହ ସମ୍ପନ୍ନ କରିଛନ୍ତି ବୋଲି ଶ୍ରୀ ଦେହୁରୀ ପ୍ରକାଶ କରିଛନ୍ତି।



# ଏସ୍‌ବିଆଇ ଶାଖାର ସେବାମୂଳକ କାର୍ଯ୍ୟକ୍ରମ





**ଅନୁଗୋଳ, ୧୬ ।୩(ସମିସ):** ହିତାଧିକାରୀଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେବା ସହ ବିଭିନ୍ନ ସାମାଜିକ ସେବା ଓ କଲ୍ୟାଣକାରୀ କାର୍ଯ୍ୟ ପ୍ରଦାନ କରିବା କ୍ଷେତ୍ରରେ ମଧ ଅଗ୍ରଣୀ ଭୂମିକା ତୁଲାଇବାକୁ ପ୍ରୟାସରତ ରହିଛି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଏସବିଆଇ ଶାଖା ତରଫରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଏସବିଆଇ ଶାଖା ପକ୍ଷରୁ ୧୦ଟି ସରକାରୀ ସ୍କୁଲକୁ ଜଳ ବିଶୋଧନକାରୀ ଯନ୍ତ୍ର ପ୍ରଦାନ କରାଯାଇଥିଲା। ପ୍ରବଳ ଗ୍ରାଷ୍ମପ୍ରବାହ ସମୟରେ ଏଗୁଡିକ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ସହାୟକ ସାବ୍ୟସ୍ତ ହୋଇପାରିବ। ଏଥିସହ ସ୍ୱଚ୍ଛ ପରିବେଶ ବଜାୟ ରଖିବା ପାଇଁ ଏସବିଆଇର ଉଚ୍ଚପଦସ୍ଥ ଅଧିକାରୀମାନେ ବ୍ୟାଙ୍କ ପରିସରରେ ଚାରାରୋପଣ କରିଥିଲେ। ଶାଖା ପକ୍ଷରୁ ସାମାଜିକ ଦାୟିତ୍ୱବୋଧକୁ ଦୃଷ୍ଟିରେ ରଖି ବ୍ୟାଙ୍କ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ରକ୍ତଦାତା ରକ୍ତଦାନ କରିଥିଲେ। ଏଥିସହିତ ବ୍ୟାଙ୍କ ପକ୍ଷରୁ ସୁରକ୍ଷା ଯୋଜନାରେ ଚୟନ ହୋଇଥିବା ଲାଭାର୍ଥୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମୁଦ୍ରା ଯୋଜନା, ଷ୍ଟାର୍ଟ ଅପ୍ ଯୋଜନା ଆଦି ମାଧ୍ୟମରେ ହିତାଧିକାରୀଙ୍କୁ ଅତିଥିଗଣ ସହାୟତା ରାଶି ପ୍ରଦାନ କରିଥିଲେ। ଏହାଦ୍ୱାରା ନିଜର ବ୍ୟବସାୟ ବୃଦ୍ଧିକରିବା ସହ ଭଲ ଅର୍ଥ ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ତେବେ ଆଗାମୀ ଦିନରେ ମଧ ଏଭଳି ସାମାଜିକ ସେବା କାର୍ଯ୍ୟ ଜାରି ରହିବ ବୋଲି ଏସବିଆଇ ପ୍ରତିଶ୍ରୁତିବଦ୍ଧ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ଜନକଲ୍ୟାଣ କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ଭୁବନେଶ୍ୱର ସର୍କଲର ଚିଫ୍ ଜେନେରାଲ ମ୍ୟାନେଜର ଦିନେଶ ପୂର୍ଥୀ, ଜେନେରାଲ ମ୍ୟାନେଜର ପୋନାମୋଲାନୀ ଏମ ଏବଂ ଡିଜିଏମ ଶୈଳେଶ କୁମାର ସିହ୍ନା ପ୍ରମୁଖ ଯୋଗ ଦେଇଥିବା ବେଳେ ଅନୁଗୋଳ ଏସବିଆଇ ଶାଖାର କର୍ତ୍ତୃପକ୍ଷ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ମହିଳାଙ୍କୁ ପନିକିରେ ଆକ୍ରମଣ

**ବଇଣ୍ଡା, ୧୬ ।୩(ସମିସ):** ହଣ୍ଡପା ଥାନା ରାଣୀଭୁଇଁ ଗ୍ରାମର ରୋଜାଲିନୀ ସାହୁଙ୍କୁ ତାଙ୍କ ଯାଆ ରଶ୍ମିତା ଦାସ ଏକ ପନିକିରେ ଆକ୍ରମଣ କରିଥିବା ରୋଜାଲିନୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୧୧୨/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ଉଭୟଙ୍କ ମଧ୍ୟରେ କିଛିଦିନ ହେବ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ସେ ଘରେ ଥିବାବେଳେ ପୂର୍ବଶତ୍ରୁତାକୁ ନେଇ ରୋଜାଲିନୀଙ୍କୁ ରଶ୍ମିତା ପନିକିରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସେହିପରି ରଶ୍ମିତା ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ ଘରେ ନଥିବା ବେଳେ ତାଙ୍କ ଦିଅର ବିରେନ ଦାସ, ଯାଆ ରୋଜାଲିନ ସାହୁ ଓ ପଡୋଶୀ ସୁଭଦ୍ରା ନାୟକ ମିଶି ତାଙ୍କୁ ମାଡ଼ ମାରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୧୧୩ /୨୪ ରେ ଏକ ମାମଲା ରୁଜୁ କରିଛି।

## ସୁଷମ ଖାଦ୍ୟ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




**କିଶୋରନଗର, ୧୬।୩(ସମିସ):** କିଶୋରନଗର ବ୍ଲକ ଧଉରାପାଲ୍ଲୀ ମିଶନଶକ୍ତି ସଭାଘର ଠାରେ ଆଜି ରୋଜ ବନା ଚାରିଟେବଲ୍ ଟ୍ରଷ୍ଟ ଓ ଜେଏସପି ଫାଉଣ୍ଡେସନର ମିଳିତ ସହଯୋଗରେ ସୁଷମ ଖାଦ୍ୟ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିପିଓ ଓ୍ୱାହିଦା ବେଗମ, ଡା. ରମାକାନ୍ତ ନନ୍ଦ, ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ପୋଗ୍ରାମ ଅଫିସର ଆରତୀ ମିଶ୍ର, କୌଶଲ୍ୟା ସେନ ପ୍ରମୁଖ ଯୋଗଦେଇ ସୁଷମ ଖାଦ୍ୟ ଦ୍ୱାରା ସ୍ୱାସ୍ଥ୍ୟ ପ୍ରତି କିପରି ଯନ୍ତବାନ ହେବେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବାଇକ୍ ଜବତ; ଜଣେ ଗିରଫ

ବଇଣ୍ଡା, ୧୬ ।୩(ସମିସ): କିଶୋରନଗର ପୁଲିସ ଘୋଷର ନିକଟରେ ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍ ଗୁଡିକକୁ ଯାଞ୍ଚ କରାଯାଇଥିଲା। ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଧଉରାପାଲି ଗ୍ରାମର ପି ସାହୁଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ବାଇକକୁ ପୁଲିସ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

### ଜନଆରୋଗ୍ୟ ସମିତିର ବୈଠକ

## ଉତ୍ତମ ଚିକିତ୍ସା ପ୍ରଦାନ ଓ ଉନ୍ନତିକରଣକୁ ଗୁରୁତ୍ୱ



**କଣିହାଁ, ୧୬ ।୩(ସମିସ):** କଣିହାଁ ବ୍ଲକ ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ଜନଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବିରୁ ଓ ପବିତ୍ରନଗର ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଉପରେ ମତବ୍ୟକ୍ତ କରିଥିଲେ। ପବିତ୍ରନଗର ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଆର.ଏସ୍.ସୁବ୍ରୋଜିତ୍, ନିହାର ରଞ୍ଜନ ପ୍ରଧାନ, ବିରୁ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଦିଲ୍ଲୀପ୍ କୁମାର ପ୍ରଧାନ, କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଆଶୁତୋଷ ସ୍ୱାଇଁ, ବିପିଏମ୍ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନା କରିବା ସହିତ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ନେଇ ତଦାରଖ କରିଥିଲେ। ଉତ୍ତମ ଚିକିତ୍ସା ସେବା ପ୍ରଦାନ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତିକରଣ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଜନପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟଙ୍କ ସହିତ ଡାକ୍ତରଖାନାର କର୍ମଚାରୀମାନେ ସାମିଲ ହୋଇଥିଲେ।

## ନକୁଳ ଚନ୍ଦ୍ର ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସହାୟତା

ତାଳଚେର, ୧୬ ।୩(ସମିସ): ତାଳଚେର ବ୍ଲକ ଚାଳଗଡ଼ ଗ୍ରାମର ଆଇଟି ଇଞ୍ଜିନିୟର ସ୍ୱର୍ଗତ ସୁବ୍ରତ କୁମାର ସାମଲଙ୍କ ୩୩ତମ ଜନ୍ମ ଦିନ ପାଳନ ଉପଲକ୍ଷେ ବଳରାମ ପ୍ରସାଦ ସ୍ଥିତ ନକୁଳ ଚନ୍ଦ୍ର ସ୍ୱତନ୍ତ୍ର ବିଦ୍ୟାଳୟର ୪୫ଜଣ ଛାତ୍ରଛାତ୍ରୀଙ୍କୁ ନିତ୍ୟ ବ୍ୟବହାର ଜିନିଷ ପ୍ରଦାନ କରାଯିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ତାଳଚେର ବ୍ଲକ ଚାଳଗଡ଼ ଗ୍ରାମର ଶରତ ଚନ୍ଦ୍ର ସାମଲ ମାତା ଅନିତା ସାମଲଙ୍କ ଏକ ମାତ୍ର ପୁତ୍ର ସ୍ୱର୍ଗତ ସାମଲ ବେଙ୍ଗାଲୁରୁର ଆଇଟି ଇଞ୍ଜିନିୟର ଭାବେ ୮ ବର୍ଷ ହେବ ଚାକିରି କରୁଥିବା ସମୟରେ ଶରୀର ଗୁରୁତର ଅସୁସ୍ଥ ହୋଇଥିଲେ। ୨୦୨୨ ମସିହା ଡିସେମ୍ବର ୨୯ରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମ ସମୟରେ ରେଣୁବାଳା ସାହୁ ଓ ସମାଜସେବୀ କ୍ଷୀରୋଦ ସାହୁ ଉପସ୍ଥିତ ଥିଲେ।



## ୨୩ ଲିଟର ମଦ ଜବତ; ଜଣେ ଗିରଫ

ବଇଣ୍ଡା, ୧୬ ।୩(ସମିସ): ହଣ୍ଡପା ପୁଲିସ ସେରେଣ୍ଡା ଗ୍ରାମରେ ଚଢ଼ଉ କରି ଯାନକୀ ବେହେରାଙ୍କ ଘରୁ ୨୩ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରି ତାଙ୍କୁ ଗିରଫ କରିଛି। ସେ ମଦ ବିକ୍ରି କରିବା ପାଇଁ ଘରକୁ ନେଉଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ନମ୍ବର ୧୧୧/୨୪ ରେ ଏକ ମାମଲା ରୁଜୁ କରାଯାଇଛି।

## ବିଜେଡିର କର୍ମୀ ସମ୍ମିଳନୀ

ଅନୁଗୋଳ, ୧୬ ।୩(ସମିସ): ନବୀନ ସରକାର ଓଡ଼ିଶାର ବିକାଶ ଧାରାକୁ ଆଗେଇ ନେଉଛନ୍ତି। ଲୋକଙ୍କ କାମ କରୁଥିବା ଯୋଗୁଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଲୋକେ କିଭଳି ସୁବିଧା ପାଇବେ ସେ ନେଇ ଯୋଜନା କରିଛନ୍ତି। ଗାଁ ଠାରୁ ସହର ପର୍ଯ୍ୟନ୍ତ ବିକାଶ କରୁଛନ୍ତି। କିଭଳି ସବୁ ଲୋକେ ଯୋଜନା ପାଇ ପାରିବେ ସେ ନେଇ ଅଧିକ ଧ୍ୟାନ ଦିଆଯାଉ ବୋଲି ଆଠମଲ୍ଲିକ ବ୍ଲକ କୁରୁମଟାପ, ସାନହୁଲା ପଞ୍ଚାୟତ ଓ ଶନିବାର କୃତୀବାସପୁର ପଞ୍ଚାୟତରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ନଳିନୀ ପ୍ରଧାନ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ସରପଞ୍ଚ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡି ନେତା ସନ୍ତୋଷ ପ୍ରଧାନ, ମହେନ୍ଦ୍ର ସାହୁ, ସମିତି ସଭ୍ୟା ବବିତା ପ୍ରଧାନ, ସରୋଜ ସାହୁ, ସରତ ସାହୁ, ଈଶ୍ୱର ସାହୁ, ଚନ୍ଦନ ସାହୁ, ଡିଲେଶ୍ୱର ସାହୁ, ସସ୍ମିତା ସାହୁ, ବସନ୍ତ ପ୍ରଧାନ, ସସ୍ମିତା ବେହେରା, ତପସ୍ୱିନୀ ନାୟକଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



## ବୁଥ୍ ଯାଞ୍ଚ ସହ ପୁଲିସର ଫ୍ଲାଗ ମାର୍ଚ୍ଚ



ଅନୁଗୋଳ, ୧୬ ।୩(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପକ୍ଷରୁ ଉତ୍ତେଜନାପୂର୍ଣ୍ଣ ବୁଥଗୁଡିକକୁ ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ଶନିବାର ଟାପଡୋଲ, ପାଇକସାହି, ବିଦ୍ୟାଳୟ ଗୁଡିକରେ ହେଉଥିବା ବୁଥ ଗୁଡିକକୁ ଯାଞ୍ଚ କରିବା ସହ ଗ୍ରାମ ଗୁଡିକରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହି ବୁଥ ଗୁଡିକ ଉତ୍ତେଜନା ପୂର୍ଣ୍ଣ ବୁଥ ଭାବରେ ଥିବା ବେଳେ କିଭଳି କଡା ସୁରକ୍ଷା ମଧ୍ୟରେ ମତଦାନ ହେବ ସେ ନେଇ ପୋଲିସ ପକ୍ଷରୁ ସମୀକ୍ଷା କରାଯାଇଥିଲା। ଠାକୁରଗଡ଼ ଥାନା ଆଇଆଇସି ନଟବର ନନ୍ଦ, ଟାପଡୋଲ ଫାଣ୍ଡି ଅଧିକାରୀ ତ୍ରିଲୋଚନ ଖଟୁଆ, ଏଏସଆଇ ଶେଷଦେବ ସାମଲ ସହ ସ୍ୱତନ୍ତ୍ର ପୋଲିସ ବାହିନୀ ପକ୍ଷରୁ ଯାଞ୍ଚ କରାଯାଇଥିଲା।

### କ୍ଷତିପୂରଣ ଓ ଥଇଥାନ ଦାବିରେ ଆନ୍ଦୋଳନ

# ୩ ଘଣ୍ଟା କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ

**କଣିହାଁ, ୧୬ ।୩(ସମିସ)**




ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ଗୁଣ୍ଡୁରିନାଳି ଗ୍ରାମର ୧୮ କ୍ଷତିଗ୍ରସ୍ତ ପରିବାର କ୍ଷତିପୂରଣ ଓ ଥଇଥାନ ଦାବିରେ ଶନିବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଜି ସକାଳ ୬ଟାରୁ ୯ଘଣ୍ଟିକା ପର୍ଯ୍ୟନ୍ତ ଖଣିବନ୍ଦ କରିଥିଲେ। ତିନି ଘଣ୍ଟା ଧରି ଖଣିରେ କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ ରହିଥିଲା। ପ୍ରକଳ୍ପ ଅଧିକାରୀ ନାରାୟଣ ପ୍ରସାଦ ପାତ୍ର ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଖଣି ବନ୍ଦ ଆନ୍ଦୋଳନରୁ ନିବୃତ୍ତ ରହିଥିଲେ କ୍ଷତିଗ୍ରସ୍ତ ପରିବାର। କିନ୍ତୁ କିଛି କ୍ଷତିଗ୍ରସ୍ତ ପରିବାର ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଏକ ଅସ୍ଥାୟୀ ଟେଣ୍ଟ୍ କରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଧାରଣାକାରୀଙ୍କ ଅଭିଯୋଗ ମୁତାବକ, ଖଣି କର୍ତ୍ତୃପକ୍ଷ ୨୦୧୪ ମସିହାରୁ କ୍ଷତିଗ୍ରସ୍ତଙ୍କ ବାସଗୃହ ଓ ଜମିଜମା ଅଧିଗ୍ରହଣ କରିଛନ୍ତି। ଖଣି କର୍ତ୍ତୃପକ୍ଷ ସର୍ଭେ କାର୍ଯ୍ୟ ସମାପନ କରିଥିବା ବେଳେ କିଛି କ୍ଷତିଗ୍ରସ୍ତ ପରିବାରଙ୍କ ବାସଗୃହ ଓ ଜମିଜମା ମୂଲ୍ୟାଙ୍କନ କାର୍ଯ୍ୟ ସାରିଛନ୍ତି। ଇତି ମଧ୍ୟରେ ୧୦ବର୍ଷ ବିତିଗଲାଣି କିନ୍ତୁ ଏଯାବତ୍ ଖଣି କର୍ତ୍ତୃପକ୍ଷ କ୍ଷତିପୂରଣ ଓ ଥଇଥାନ ଉପରେ ଅଗ୍ରସର ନହେବା, ସମୟ ପରେ ସମୟ ଗଡ଼ାଇଚାଲୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖଣି କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ। ଏନେଇ ଖଣି ପ୍ରକଳ୍ପ ଅଫିସ୍ରେ ୬ ମାର୍ଚ୍ଚରେ ଏକ ବୈଠକ ବସିଥିଲା। ବୈଠକର ନିଷ୍ପତ୍ତି ମୁତାବକ ୧୫ମାର୍ଚ୍ଚ ସୁଦ୍ଧା କ୍ଷତିପୂରଣ ପ୍ରକ୍ରିୟା ତ୍ୱରାନିତ କରି ସମ୍ବଲପୁର ମୁଖ୍ୟ କାର୍ଯ୍ୟାଳୟକୁ ପଠାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି କାର୍ଯ୍ୟାକାରୀ ନହେବା ଫଳରେ ଏମ୍ସିଏଲ୍ ର ଟାଳଟୁଳ ନୀତିକୁ ବିରୋଧକରି ଆଜି କ୍ଷତିଗ୍ରସ୍ତ ପରିବାର ଆନ୍ଦୋଳନକୁ ଓହ୍ଲାଇଥିବା ଜଣାଯାଇଛି।



ସକାଳ THE SAKALA



## ଅଟଳ ପେନ୍‌ସନ ଯୋଜନାରେ ସମସ୍ତେ ସାମିଲ ହେବାକୁ ପରାମର୍ଶ



**ବିରିଡି,୧୬।୩(ସମିସ):** ଓଡିଶା ଗ୍ରାମ୍ୟବ୍ୟାଙ୍କ ବାଲିଆହାଟ ପକ୍ଷରୁ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅଡଙ୍ଗ ମଜୁରାଇ ପଞ୍ଚାୟତ ମିଶନ ଶକ୍ତି ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଅଟଳ ପେନସନ ଯୋଜନା ମାଧ୍ୟମରେ ଯଦି ୧୮ ବର୍ଷରୁ ୪୦ ବର୍ଷମଧ୍ୟରେ ହୋଇଥିବା ଯୁବକ ଯୁବତୀ, ମହିଳା ଓ ପୁରୁଷ ସାମିଲ ହେଉଛନ୍ତି ବା ସେହି ଯୋଜନାରେ ନିଜକୁ ସାମିଲ କରି ମାସକୁ ମାସ ଥିବା ପ୍ରିମିୟମ ଜମା କରୁଛନ୍ତି ତେବେ ୬୦ ବର୍ଷ ହେବାମାତ୍ରେ ଏହି ପେନସନ ପାଇବାକୁ ହକଦାର ହେବେ ବୋଲି ଯୋଗଦେଇଥିବା ସଖା ପରିଚାଳକ ଗୌରିଶଙ୍କର ଦାଶ ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିରେ ଅତିଥି ଭାବେ ଯୋଗଦେଇଥିବା ଜିଲ୍ଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ ଏହା ଯୁବପିଢୀଙ୍କ ପାଇଁ ଏକ ଭଲ ସୁଯୋଗ କହିବା ସହ ଏଥିରେ ସମସ୍ତେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ପ୍ରଧାନ ମନ୍ତ୍ରୀ ବୀମାର ବାର୍ଷିକ ରାଶି ଜମାକରି ମୃତ୍ୟୁକାଳୀନ ସହାୟତା ପାଇ ପାରିବେ ବୋଲି ମଧ୍ୟ ଶାଖା ପରିଚାଳକ ଶ୍ରୀ ଦାଶ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଡଙ୍ଗ ମଜୁରାଇ ପଞ୍ଚାୟତସ୍ତରୀୟ ସଂଘର ସଭାନେତ୍ରୀ ସସ୍ମିତା ଖଟୁଆ, ସମ୍ପାଦିକା ସୁମିତ୍ରା ଭୋଇ,ଏମବିକେ ଗାୟତ୍ରୀ ମହାନ୍ତି, ସିଆରପି ଗୀତା ମହାନ୍ତି, ମଞ୍ଜୁମଣି ମଲିକ, ଅଞ୍ଜନା ଭୋଇ, ରେଣୁ ବାଳା ମହାନ୍ତି, ସୁରମା ନାୟକ, ଯୋଗଦେଇଥିବାବେଳେ ସସ୍ମିତା ରାୟ, ସିଲା ମହାନ୍ତି,ଲକ୍ଷ୍ମୀ ଦେଇ,ଅନୁସୂୟା ସାମଲ,ସଂଗୀତା ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ୟାଙ୍କ ମିତ୍ର ଅନୁରାଧା ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ବିଜୁ ପଟ୍ଟନାୟକ ଅଡିଟୋରିୟମ ଭିତ୍ତିପ୍ରସ୍ତର ସ୍ଥାପନ



**ବାଲିକୁଦା,୧୬।୩(ସମିସ):** ବାଲିକୁଦା ଜଳସମ୍ପଦ କାର୍ଯ୍ୟାଳୟ ନିକଟରେ ଆଜି ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ନିର୍ମାଣ ପାଇଁ ଏକ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସ, ସାଂସଦ ଡଃ ରାଜଶ୍ରୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ନିର୍ଦ୍ଦେଶକ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସରୋଜ କୁମାର ମହାପାତ୍ର, ଜିଲ୍ଲାପରିଷଦ ଡଲି ପଣ୍ଡା, ଜଟାଧାରୀ ଦାସ, ରୁନିଲତା ବେହେରା, ତଟିନା ସ୍ୱାଇଁ, ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ ପ୍ରମୁଖ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୁବ ସଭାପତି ଶୁଭେନ୍ଦ୍ର ଦାସ, ଯୁବ ନେତା ସ୍ୱାଧୀନ ଦାସ,କମଳାକାନ୍ତ ମହାପାତ୍ର,ମୁନ୍ନା ସ୍ୱାଇଁ,ବିଶ୍ୱରଞ୍ଜନ ନାୟକ, ଶୁଭେନ୍ଦ୍ର ଶେଖର ଦାଶ, ଅଭିନାଶ ମୁଦୁଲି,ଏସ ବି ସାଗର, ବାବୁ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ସାହିତ୍ୟିକ ଉଦୟନାଥ ଷଡ଼ଙ୍ଗୀଙ୍କ ଜୟନ୍ତୀ

**ତିର୍ତ୍ତୋଲ,୧୬।୩(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁଳିସିଂସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ଜଗତସିଂହପୁର ସାରସ୍ୱତ ପରିଷଦ ତରଫରୁ ଖ୍ୟାତନାମା ଶିଶୁ ସାହିତ୍ୟକ ତଥା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଉଦୟନାଥ ଷଡଙ୍ଗୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ବକ୍ତବ୍ୟ ରଖି ସ୍ୱର୍ଗତ ଷଡଙ୍ଗୀ ଏକାଧାରରେ ଜଣେ ସ୍ୱାଧିନତା ସଂଗ୍ରାମୀ, ସୁସାହିତ୍ୟକ ଓ ସ୍ତମ୍ଭକାର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଛାଡି ଯାଇଛନ୍ତି ବୋଲି କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମୋନାଲିସା ଭଟ୍ଟ ବକ୍ତବ୍ୟ ରଖି ଉଦୟନାଥ ଷଡଙ୍ଗୀଙ୍କ ଟୁଉକୁମୂଷି, ଚକାଚକା ଭଉଁରୀ, ଜହ୍ନମାମୁଁ ଆଦି ଶିଶୁ କବିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ତାଙ୍କ ଅନୁଦିତ ପୁସ୍ତକ 'ଟମ କକାଙ୍କ କୁଟୀର' ପାଇଁ ସେ ସବୁଦିନେ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ବିକ୍ରମ କୁମାର ଜେନା, ଶିକ୍ଷକ ପ୍ରଭାତ କୁମାର ଗୁଇଁ, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ବିନତୀ ସାହୁ, ସଞ୍ଜାସିବନୀ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ୬ଜଣ କୃତୀ ବିଦ୍ୟାର୍ଥୀଙ୍କୁ ବରପୁତ୍ରଙ୍କ ଜୀବନୀ ପୁସ୍ତକ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସାହିସ୍ତା ପରୱିନ ଧନ୍ୟବାଦ ଦେଇଥିଲେ। ସକାଳ ସମୟରେ ପରିଷଦର ସଭାପତି ଶ୍ରୀ ଆଚାର୍ଯ୍ୟ ଓ ଅନ୍ୟମାନେ ଜଗତସିଂହପୁର ସିପି ଛକସ୍ଥିତ ସ୍ୱର୍ଗତ ଷଡଙ୍ଗୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ମେଡିକାଲ କଲେଜ ଦାବିରେ ଅଭିନବ ଆନ୍ଦୋଳନ

# ଆଣ୍ଠେଇ ଆଣ୍ଠେଇ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ଜଗତସିଂହପୁର,୧୬।୩(ସମିସ)**

**● ସଂଜ୍ଞାହୀନ ହୋଇ ମେଡିକାଲରେ ୨ ଆନ୍ଦୋଳନକାରୀ**

ଜଗତସିଂହପୁରଠାରେ ମେଡିକାଲ କଲେଜ ଖୋଲିବା ଦାବିରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଶନିବାର ଏକ ଅଭିନବ ଆନ୍ଦୋଳନ କରାଯାଇଛି। ଆଡଭୋକେଟ ବାସୁଦେବଙ୍କ ନେତୃତ୍ୱରେ ଥାନା ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ଆଣ୍ଠେଇ ଆଣ୍ଠେଇ ମୁଣ୍ଡିଆମାରି ପ୍ରତିବାଦ କରିବା ସହିତ ଏ ବାବଦରେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଁଚିବାପରେ ପ୍ରବଳ ଖରା ଓ ଗରମରେ ୨ଜଣ ଆନ୍ଦୋଳନକାରୀ ସଂଜ୍ଞାହୀନ ହୋଇ ପଡିଥିଲେ। ପୁଲିସ ପକ୍ଷରୁ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ତେବେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ପୁଲିସ ଗାଡିରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କାରଯାଇଥିଲା।

ଗତ ୧୦ମାସ ହେଲା ଜଗତସିଂହପୁରରେ ମେଡିକାଲ କଲେଜ ଖୋଲିବା ଓ ୧୯୫୫ ମସିହାରୁ ପ୍ରତିଷ୍ଠା ହୋଇଥିବା ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କଟକ ସ୍ଥାନାନ୍ତର କରିବା ପ୍ରତିବାଦରେ ଜିଲ୍ଲା ସ୍ୱାସ୍ଥ୍ୟସୁରକ୍ଷା ଅଭିଯାନ ପକ୍ଷରୁ ସହରରେ ବିଭିନ୍ନ ସମୟରେ ଅନଶନ, ଧରଣା, ରାଲି , ଜିଲ୍ଲା ବନ୍ଦ, ପଦଯାତ୍ରା, ବିକ୍ଷୋଭ କରାଯାଉଛି। ପୂର୍ବରୁ ହୋଇଥିବା ଏହି ସବୁ ଆନ୍ଦୋଳନକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଜନ ସମର୍ଥନ ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ଦାବିକୁ ସଫଳତା ମିଳିପାରିନାହିଁ। ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଜାନ ପକ୍ଷରୁ ଏପରି ଅଭିନବ ନିଷ୍ପତ୍ତି ନିଆଯାଇଥିଲା।

ଆଜି ପୂର୍ବାହ୍ନରେ ଜଗତସିଂହପୁର ପୌରାଞ୍ଚଳର ଥାନା ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏପରି ଅଭିନବ ଢଙ୍ଗରେ ଆନ୍ଦୋଳନକାରୀ ଯାଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେରେ ପହଞ୍ଚିବାପରେ



ବିକ୍ଷୋଭ କରିଥିଲେ। ଜିଲ୍ଲାର ୧୪ ଲକ୍ଷ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଆସୁଥିବା ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଛନ୍ତି। ମେଡିକାଲ କଲେଜ ପାଇଁ ଭିତ୍ତିଭୂମୀ ବାବଦରେ ସହର ସଂଲଗ୍ନ ଅଞ୍ଚଳରେ ୬୨ ଏକର ସରକାରୀ ଜାଗା ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉନାହିଁ ବୋଲି ଆଡଭୋକେଟ ବାସୁଦେବ ପ୍ରକାଶ କରିଛନ୍ତି। ଯେପର୍ଯ୍ୟନ୍ତ ଜିଲ୍ଲାରେ ମେଡିକାଲ କଲେଜ ନଖୋଲିଛି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ମାନେ ପ୍ରକାଶ କରିଛନ୍ତି।

## ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

**ଜଗତସିଂହପୁର,୧୬।୩(ସମିସ)**

ଜିଲ୍ଲାର ତିର୍ତ୍ତୋଲଠାରେ ବିଶ୍ୱ ଖାଉଟି ଅଧିକାର ଦିବସ ଓ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଅଧିବାସୀ, ଯୁବପିଢି, ମହିଳା ବର୍ଗ ଓ ଛାତ୍ର ଛାତ୍ରୀମାନେ ଯୋଗଦେଇ ସଚେତନତା ସୃଷ୍ଟି କରିଥିଲେ। ଏହି ଉପଲକ୍ଷେ ଏକ ସଚେତନତା ସଭା ତିର୍ତ୍ତୋଲସ୍ଥିତ ଆନନ୍ଦମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉପଭୋକ୍ତା ଆନ୍ଦୋଳନର କର୍ଣ୍ଣଧାର ଦିବଙ୍ଗତ ବଂଶୀଧର ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହେଇ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ, ମହିଳାଶାଖାର ସଭାପତି ସ୍ନେହମୟୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ



ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲାର ଡିସିଡିଆର୍‌ସି ପ୍ରଭାତ କୁମାର ପାଢ଼ୀ ଯୋଗଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବରେ ବିଭାଗୀୟ ସଭ୍ୟା ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ରଞ୍ଜିତ ମହାନ୍ତି, ଆଇନଜୀବୀ ଓମ୍ ପ୍ରକାଶ ଦାସ, ସେବାନିବୃତ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି,ଟୁକୁନ ସେଠୀ,ବିବେକାନନ୍ଦ ହୋତା, ଆମ୍ରା ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ, ସରୋଜକାନ୍ତ ସାହୁ,ବିରଜାପ୍ରସନ୍ନ ପରିଜା, ଫାଉଣ୍ଡେସନର ସଭାପତି ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ଉପସଭାପତି ରଶ୍ମିତା ନାୟକ, ସଙ୍ଗଠନ ସମ୍ପାଦକ ଯଶୋବନ୍ତ ରାଉତ ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ପାଇଁ ମାର୍ଗ ଦର୍ଶନ କରିଥିଲେ। ଶେଷରେ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ବାଲିକୁଦା,୧୬।୩(ସମିସ):** ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତ ବାଖରାବାଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଯାଇଛି। ସାମ୍ବାଦିକ ଜ୍ୟୋତିରଞ୍ଜନ ପରିଡା ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାସ, ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମଞ୍ଜରୀ ସ୍ୱାଇଁ, ଅର୍ପିତା ପ୍ରିୟଦର୍ଶିନୀ ସାହୁ, ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ମୁଦୁଲି, ଉପ ସଭାପତି ସୁଚିତ୍ର ପର୍ବତ ପ୍ରମୁଖ ଉପସ୍ଥିତ ଥିଲେ।



## ବ୍ଲକ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ବାଲିକୁଦା,୧୬।୩(ସମିସ):** ବାଲିକୁଦା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନାଗପୁରସ୍ଥିତ ମା ଜାଗୁଳାଇଙ୍କ ପୀଠରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ବିକ୍ରମ କିଶୋର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଅତିଥିଭାବେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ସର୍ବେଶ୍ୱର ପଣ୍ଡା, ବରିଷ୍ଠ ନେତା ବୈରାଗୀ ଚରଣ ରାଉତ, ମହନି ଚରଣ ରାଉତ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଅଡ଼ଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି, ବିଭୁତି ଭୂଷଣ ସ୍ୱାଇଁ, ସମିତି ସଭ୍ୟ ନାଥ କାଣ୍ଡି, ସରପଞ୍ଚ ମୋନାଲିସା ତରାଇ, ସାଧୁ ଚରଣ ସାହୁ, ବାସୁଦେବ ସ୍ୱାଇଁ, ସ୍ମୃତିରଞ୍ଜନ ମଲ୍ଲ ପ୍ରମୁଖ ଯୋଗ ଦେଇ ଆଗାମୀ ନିର୍ବାଚନ ବାବଦରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ପରିଡା, ଅଶୋକ ସ୍ୱାଇଁ, ଗୌରାଙ୍ଗ ସାହୁ, ଶୁଭେନ୍ଦୁ ଭୋଳ, ଦିଲୀପ କାନୁନଗୋ, ଦେବେନ୍ଦ୍ର ନାୟକ, ରଞ୍ଜିତ ବିଶ୍ୱାଳ, ରମେଶ ଚନ୍ଦ୍ର ପରିଡା, ଆର୍ତ୍ତବନ୍ଧୁ ବିଶ୍ୱାଳ ଉପସ୍ଥିତ ଥିଲେ।

### ● ପାରାଦୀପ କଲେଜ ଉଦ୍ଭିଦବିଜ୍ଞାନ ବିଭାଗର ଆଲୋଚନାଚକ୍ର

## 'ବୃକ୍ଷ ଅଭିବୃଦ୍ଧି ଓ ବିକାଶ' ଶୀର୍ଷକ ଆଲୋଚନା

**ପାରାଦୀପ,୧୬।୩(ସମିସ)**

ପାରାଦୀପମହାବିଦ୍ୟାଳୟରଉଦ୍ଭିଦବିଜ୍ଞାନ ବିଭାଗ ତରଫରୁ "ବୃକ୍ଷ ଅଭିବୃଦ୍ଧି ଓ ବିକାଶ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସସ୍ମିତା ଶତପଥୀ ପୌରହିତ୍ୟ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗର ସହ ପ୍ରାଧ୍ୟାପକ ଡକ୍ଟର ନିହାର ରଞ୍ଜନ ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ "ବୃକ୍ଷ ଅଭିବୃଦ୍ଧି ଓ ବିକାଶ' ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ଉଭିଦ ବିଜ୍ଞାନ ବିଭାଗର



ବିଭାଗୀୟ ମୁଖ୍ୟ ଅଭିଷେକ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉଭିଦବିଜ୍ଞାନ ବିଭାଗର ତୃତୀୟ ବର୍ଷ ଛାତ୍ରୀ ମୋନାଲିସା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଭିଦ ବିଜ୍ଞାନ ବିଭାଗର ଦୁଇ ଛାତ୍ରୀ ଲହରୀ ଜେନା ଏବଂ ଯାଜ୍ଞସେନୀ ରାଉତ ନିବନ୍ଧ ପାଠ କରିଥିଲେ। ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟର କର୍ମୀ ବାପି ଗୋଚ୍ଛାୟତଙ୍କୁ ତାଙ୍କର ପରିବେଶ ସୁରକ୍ଷା କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ଉଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ରାଜଲକ୍ଷ୍ମୀ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆନ୍ତଃ ଜିଲ୍ଲାସ୍ତରୀୟ ଏନ୍‌ଏସ୍‌ଏସ୍ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର

**ପାରାଦୀପ,୧୬।୩(ସମିସ):** ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ (ଏନଏସଏସ) ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ.ବ୍ରଜନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟ ସେବା ସଂସ୍ଥା ସମ୍ପର୍କରେ ସୂଚନା ଦେବା ସହ ବର୍ତ୍ତମାନ ସମାଜରେ ସ୍ୱେଚ୍ଛାସେବୀମାନଙ୍କର କିଭଳି ନେତୃତ୍ୱର ବିକାଶ ହୋଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ପ୍ରାୟ ୧୦୦ ଜଣ ସ୍ୱେଚ୍ଛାସେବୀ ଏହି ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇଛନ୍ତି। ଶେଷରେ ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର୍ ସଂଘମିତ୍ରା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ ଶିବିର ୩ ଦିନ ଧରି ଚାଲିବ ଏବଂ ଏହାକୁ ଇଂରାଜୀ ଅଧ୍ୟାପକ ଶାଶ୍ୱତ ପଟ୍ଟନାୟକ ସଂଯୋଜନା କରିଥିଲେ।

### ● ସାଧାରଣ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

# ତାଲିମ ନେଲେ ୭ ୬୦୨ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ

**ରଜଗତସିଂହପୁର,୧୬। ୩ (ସମିସ)**

ଆଗାମୀ ସାଧାରଣ ନିର୍ବାଚନ -୨୦୨୪ ନିମନ୍ତେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାରୁଲ ପଟାୱରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବ୍ଲକରେ ନର୍ଦ୍ଧାରିତ କେନ୍ଦ୍ର ମାନଙ୍କେର ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାଇ ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳକୁ ମିଶାଇ ସମୁଦାୟ ୭,୬୦୨ ଜଣ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ୧୨୬୭ ଜଣ ପ୍ରଜାଇଡିଂ ଅଧିକାରୀ, ୧୨୬୭ ଜଣ ପୋଲିଂ ଆଧିକାରୀ, ୧୨୬୭ ଜଣ



ଦ୍ୱିତୀୟ ପୋଲିଂ ଅଧିକାରୀ , ୧୨୬୭ ଜଣ ତ୍ରିତୀୟ ପୋଲିଂ ଆଧିକାରୀ , ୧୨୬୭ ଜଣ ଚତୁର୍ଥ ଏବଂ ୧୨୬୭ ଜଣ ପଞ୍ଚମ ପୋଲିଂ ଅଧିକାରୀ ରହିଛନ୍ତି। ପୁଲିସ କର୍ମଚାରୀଙ୍କ ବ୍ୟତୀତ ପ୍ରତି ବୁଥପାଇଁ ପୋଲିଂ ଟିମରେ ୬ଜଣ ଅଧିକାରୀ ରହିବେ। ଜିଲ୍ଲାର ସମୁଦାୟ ୧୦୪୭ ବୁଥପାଇଁ ଆବଶ୍ୟକ ସଂଖ୍ୟା ତଥା ସଂରକ୍ଷିତ ରଖାଯାଇଥିବା ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ସମସ୍ତ ସେକ୍ଟର ଅଧିକାରୀମାନେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ନିର୍ବାଚନମଣ୍ଡଳୀ ଅନୁଯାୟୀ ପୋଷ୍ଟାଲ ବାଲାଟ ନିମନ୍ତେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ ଫର୍ମ -୧୨ ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନିଂ କାର୍ଯ୍ୟକ୍ରମ ପାଇଁ ସୁପରଭାଇଜିଂ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଓ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଦାୟିତ୍ୱରେ ଅଛନ୍ତି।

## ମା' ବନ୍ଦରେଇ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ବାଲିକୁଦା,୧୬।୩(ସମିସ):** ବାଲିକୁଦା ବ୍ଲକ ମା ବନ୍ଦରେଇ ୟୁଥ କ୍ଲବ ବନ୍ଦର ଆନୁକୂଲ୍ୟରେ ମା' ବନ୍ଦରେଇ ପଡିଆଠାରେ ପ୍ରଥମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବନ୍ଦର ସାମୁଦ୍ରିକ ଥାନା ଏଏସଆଇ ଅଜୟ କୁମାର ମଲ୍ଲିକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ।ଉଦଘାଟନୀ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶିବଶମ୍ଭୁ ୱାରିଅାର ଅନନ୍ତପୁର ନିର୍ଦ୍ଧାରିତ ୭ ଓଭରରେ ୬ ଉଇକେଟ ହରାଇ ୪୪ ରନ ସଂଗ୍ରହ କରିଥିଲା।ଏହାର ଜବାବରେ ଖଣ୍ଡଗିରି ଗାଦିବ୍ରହ୍ମ କ୍ରିକେଟ କ୍ଲବ ଗଣ୍ଡକୁଳ ୭ ଓଭରରେ ସମସ୍ତ ଉଇକେଟ ହରାଇ ୩୮ ରନ କରି ପରାଜିତ ହୋଇଥିଲା। ଦ୍ୱିତୀୟ ଲିଗ ମ୍ୟାଚରେ ଫୁଲୁବେଲାରୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୬ ଉଇକେଟ ହରାଇ ୨୯ ରନ ସଂଗ୍ରହ କରିଥିଲା ଏହାର ଜବାବରେ ଓଷକଣ କ୍ରିକେଟ କ୍ଲବ ମାତ୍ର ୨ ଉଇକେଟ ହରାଇ ୪ ଓଭର ମଧ୍ୟରେ ୩୦ ରନ କରି ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଅନୁଷ୍ଠିତ ତୃତୀୟ ଲିଗ ମ୍ୟାଚରେ ତେନ୍ତୁଳିବେଳାରି କ୍ରିକେଟ କ୍ଲବ ୬ ଓଭରରେ ସମସ୍ତ ଉଇକେଟ ହରାଇ ୪୧ ରନ କରିଥିବା ବେଳେ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ୬ ଓଭରରେ ୬ ଉଇକେଟ ହରାଇ ୪୨ ରନ କରି ବିଜୟୀ ହେବା ସହ ତୃତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା।ମ୍ୟାଚରେ ଆମ୍ପାୟାର ଭାବେ ଚିନ୍ମୟ ସ୍ୱାଇଁ ଓ ବାବୁରାମ ବେହେରା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂରେ ମୃନ୍ମୟ ସ୍ୱାଇଁ ଓ ଅମୀୟ ଦାସ ସହାୟତା ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ସୁବାସ ସ୍ୱାଇଁ ଓ କୁମାର ତୋଫାନ ପ୍ରଦାନ କରିଥିବା ବେଳେ ମ୍ୟାଚ ଆୟୋଜନ କରିବାରେ କ୍ଲବର ସଦସ୍ୟ ଆର୍ଶ୍ରିବାଦ ବେହେରା,ବବୁଲ ସ୍ୱାଇଁ,ସିମ୍ପୁଲ ବିଶ୍ୱାଳ,ଟୁଟୁ ସ୍ୱାଇଁ,କାଳନ୍ଦୀ ଦାସ,ମହେଶ୍ୱର ବେହେରା,ଆଲୋକ ଦାସ,ବିଷ୍ଣୁ ବେହେରା,ସୁବ୍ରତ ମହାନ୍ତି,ଆଦିତ୍ୟ କାଣ୍ଡି,ଦେବାଶିଷ ବିଶ୍ୱାଳ,ମିଥୁନ ଦାସଙ୍କ ସମେତ ସମସ୍ତ ସଦସ୍ୟ ସହାୟତା କରିଥିଲେ।

## ଦାବି ପୂରଣ ପରେ ମୁଖ୍ୟମନ୍ତ୍ରୀଙ୍କୁ ଓକିଲଙ୍କ କୃତଜ୍ଞତା

**ଢେଙ୍କାନାଳ, ୧୬।୩ (ସମିସ) :** ସରକାରୀ ଆଇନଜୀବୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲା ସରକାରୀ ଓକିଲମାନଙ୍କ ଏକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜି.ପି. ପତିତ ପାବନ ମହାପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶାର କାର୍ଯ୍ୟରତ ସମସ୍ତ ସରକାରୀ ଓକିଲଙ୍କ ଦୀର୍ଘ ଦିନର ଦାବି ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାବାସୀଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଭୂୟସୀ ପ୍ରଶଂସା କରାଯାଇଥିଲା। ଉକ୍ତ ବୈଠକରେ ସରକାରୀ ଓକିଲ ଦୀପ୍ତିଶ ପଟ୍ଟନାୟକ, ବିକ୍ରମ ପ୍ରକାଶ ଜେନା, ନବକିଶୋର ସାହୁ, ବିମଳେନ୍ଦୁ ମହାପାତ୍ର, ଗଣେଶ୍ୱର ସାହୁ, ନିରଞ୍ଜନ ସାହୁ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଅକ୍ଷୟ କୁମାର ଭୋଇ, ଅଲିମ୍ ଖାଁ, ଜାହିର ମହମ୍ମଦ, ସାଇଶ୍ରୀ ପଟ୍ଟନାୟକ, ଅଦ୍ୱୈତ ବାରିକ, ସତ୍ୟ ଭୂଷଣ ମହାପାତ୍ର, ସୁଶାନ୍ତ କୁମାର ହୋତା, ସୁଶାନ୍ତ କୁମାର ଜେନା, ପୂର୍ଣ୍ଣିମା ଚାନ୍ଦ ସାହୁ, ସନ୍ଧ୍ୟାରାଣୀ ପଣ୍ଡା, ନବୀନ ପ୍ରଧାନ, ପ୍ରଦୀପ ନାଥ, ଉମେଶ ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ବିଷ୍ଣୁ ପ୍ରସାଦ କର ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବ ଶେଷରେ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ଶେଷ କରାଯାଇଥିଲା।

## ୩ ଶିକାରୀ ଗିରଫ, ୨ ବନ୍ଧୁକ ଜବତ

**ଢେଙ୍କାନାଳ, ୧୬।୩ (ସମିସ) :** ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ଏବଂ ସେକସନ କନ୍ତାମିଲାବିଟ କନ୍ତାମିଲା ଗ୍ରାମରୁ ବନବିଭାଗ ଚଢ଼ଉ କରି ୩ ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବନବିଭାଗ ଗୁଇନ୍ଦା ତଥ୍ୟକୁ ଆଧାର କରି ବନବିଭାଗ କନ୍ତାମିଲା ଗ୍ରାମରେ ଚଢ଼ଉ କରି ତିନି ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ ଜବତ କରିଥିବା ଜଣାପଡ଼ିଛି। ବନପ୍ରାଣୀ ଆଇନ ଅନୁସାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରିରହିଛି। ଗିରଫ ହୋଇଥିବା ଶିକାରୀ କନ୍ତାମିଲା ଗ୍ରାମର କୃତାର୍ଥ ସାହୁ, ଦୁର୍ଯ୍ୟୋଧନ ବେହେରା ଓ ରାମଚନ୍ଦ୍ର ଦେହୁରୀ ବୋଲି ବନବିଭାଗ ସୂତ୍ରରୁ ଜଣାପଡ଼ିଛି।

## ଏନ୍ଏସିର ପ୍ରଥମ ନଗରପାଳଙ୍କ ପରଲୋକ



**କାମାକ୍ଷାନଗର, ୧୬।୩ (ସମିସ) :** କାମାକ୍ଷାନଗର ଏନଏସିର ପ୍ରଥମ ନଗରପାଳ ତଥା ଆଳତୁମା ଗ୍ରାମର ବାସିନ୍ଦା ବ୍ରହ୍ମାନନ୍ଦ ମହାନ୍ତି(୭୮)ଙ୍କ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ଏହି ଖବର ଆସିବା ପରେ ଆଳତୁମା ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାନ୍ତି ୧୯୯୨ ମସିହାରେ ଜନତା ଦଳ ତରଫରୁ କାମାକ୍ଷାନଗର ଏନଏସିର ପ୍ରଥମ ନିର୍ବାଚିତ ଅଧ୍ୟକ୍ଷ ଭାବେ ସଫଳତାର ସହ କାର୍ଯ୍ୟ କରିଥିବା ବେଳେ, କାମାକ୍ଷାନଗର ସେବା ସମବାୟ ସମିତିର ୩ ଥର ସଭାପତି, ପାଣି ପଞ୍ଚାୟତ ସଭାପତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଶେଷ ସମୟ ପର୍ଯ୍ୟନ୍ତ ଆଳତୁମା ଗ୍ରାମସଭାର ସଭାପତି ଭାବେ ଦାୟିତ୍ୱ ନେଇଥିଲେ। ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ଭାବେ ମଧ୍ୟ ସେ କାର୍ଯ୍ୟ କରୁଥିଲେ। ମରଶରୀରକୁ ସହର ପରିକ୍ରମା କରାଯାଇ ପ୍ରଥମେ ଏନଏସି କାର୍ଯ୍ୟାଳୟ, ସମବାୟ ସମିତି କାର୍ଯ୍ୟାଳୟରେ ଶେଷ ସମ୍ମାନ ଦିଆଯାଇଥିଲା। ଏଥିସହ ସହର ଶହ ଶହ ଲୋକ ପୁଷ୍ପମାଲ୍ୟ ଦେଇ ଶେଷ ସମ୍ମାନ ଜଣାଇଥିଲେ। ସେଠାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ ରାଜ୍ୟସଭା ସାଂସଦ ରୁଦ୍ରନାରାୟଣ ପାଣି, ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କଂଗ୍ରେସ ନେତା ପ୍ରଭୁଦତ୍ତ ଭଟ୍ଟ, ରଞ୍ଜନ ରାଉତଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକ ବ୍ୟକ୍ତକରିବା ସହିତ ଶୋକସନ୍ତପ୍ତ ପରିବାରକୁ ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ସାଂସଦ ମହେଶ ସାହୁ ଶୋକ ପ୍ରକାଶ କରିଥିଲେ। ଆଳତୁମା ଗ୍ରାମସଭା ପକ୍ଷରୁ ଗ୍ରାମ ପରିକ୍ରମା ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବିଶ୍ୱ ଗ୍ଲୁକୋମା ଦିବସ ପାଳିତ



**ଢେଙ୍କାନାଳ, ୧୬।୩ (ସମିସ) :** ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ କୁମାର ବିଶ୍ୱାଳ ଅଧକ୍ଷତା କରି ଉପସ୍ଥିତ ସିଏଚଓ ତଥା ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଜ ଚକ୍ଷୁର ଯତ୍ନ ଠିକ୍ରେ ନେବା ପାଇଁ ବୁଝାଇଥିଲେ। ଗ୍ଲୁକୋମା କିପରି ମଣିଷକୁ ସମ୍ପୂର୍ଣ୍ଣ ଅନ୍ଧ କରିଦିଏ, ସେ ବିଷୟରେ ବୁଝାଇଥିଲେ। ଆଖି ବିଶେଷଜ୍ଞ ଡା. ଅଭିମନ୍ୟୁ ଆଚାର୍ଯ୍ୟ ବିଭିନ୍ନ ପ୍ରକାର ସ୍ଲାଇଡ୍ ଦେଖାଇ ଗ୍ଲୁକୋମାର ଭୟାବହତା ବୁଝାଇଥିଲେ। ଏହା ସତ୍ତ୍ୱେ ଯଦି ଆମେ ଆମ ଆଖିର ଯତ୍ନ ନେବା ସହ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁର ନିୟମିତ ପରୀକ୍ଷା କରିନେଲେ ଆମେ ଏହାକୁ ଏଡାଇ ପାରିବା ବୋଲି କହିଥିଲେ।

**ବାଲିବୋଝେଇ ହାଇୱା ଦୁର୍ଘଟଣାରେ ଯୁବକ ମୃତ**

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

**କାମାକ୍ଷାନଗର, ୧୬।୩ (ସମିସ)**



ଢେଙ୍କାନାଳ ଜିଲ୍ଲାର ତୁମୁସିଙ୍ଗା ଥାନା ଅନ୍ତର୍ଗତ କାମାକ୍ଷାନଗର- ଢେଙ୍କାନାଳ ମୁଖ୍ୟ ରାସ୍ତାର ମହୁଲି ଗାଁ ପଞ୍ଚଶଖା ରାଇସ୍ ମିଲ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକର ଶୋଚନୀୟ ମୃତ୍ୟୁ ଘଟିଛି। ଆଲୁଅଝରଣ ଗ୍ରାମର ଶାମ୍ଭ କୁମାର ସାହୁ(୨୦) ତାଙ୍କ ସ୍କୁଟି ( ଓଡି୯ଜି୧୭୮୪ ) ଯୋଗେ ଘରୁ ବାହାରି ଢେଙ୍କାନାଳ ଆଡ଼କୁ କୌଣସି କାର୍ଯ୍ୟରେ ଯାଉଥିଲେ। କାମାକ୍ଷାନଗର- ଢେଙ୍କାନାଳ ରାସ୍ତାର ମହୁଲି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଦୁର୍ଘଟଣା ଘଟାଇବା ପରେ ହାଇୱା ଚାଳକ ଗାଡ଼ି ଛାଡ଼ି ଚମ୍ପଟ ମାରିଛି। ଘଟଣାକୁ ନେଇ ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ସହିତ ଦିନରେ ଭାରୀଯାନ ଚଳାଚଳ ବନ୍ଦକରିବା ଦାବିରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ତୁମୁସିଙ୍ଗା ଥାନା ପୁଲିସ, କାମାକ୍ଷାନଗର ଏସଡିପିଓ ସ୍ନେହାଶିଷ ସାହୁ ଓ କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାସ, ତୁମୁସିଙ୍ଗା ଥାନାଧିକାରୀ ମମତା ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି। ରେଡକ୍ରସରୁ ଅର୍ଥିକ ସହାୟତା ମିଳିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ୩୦ ଫୁଟ ତଳକୁ ଖସିଲା ଟ୍ରକ୍; ଡ୍ରାଇଭର ଗୁରୁତର



**କାମାକ୍ଷାନଗର, ୧୬।୩ (ସମିସ) :** କାମାକ୍ଷାନଗର ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ସିଆରିମାଳିଆ ଓଭର ବ୍ରିଜ ଠାରେ ୩୦ ଫୁଟ ତଳକୁ ଏକ ଟ୍ରକ୍ ଖସି ପଡ଼ିବାରୁ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଡ୍ରାଇଭର ଜଣଙ୍କ ଅନୁଗୋଳ ଅଞ୍ଚଳର ଯଶୋବନ୍ତ ସାହୁ ହୋଇଥିବା ସୂଚନା ମିଳିଛି। ଯାଜପୁର ଜିଲ୍ଲା ଡୁବୁରୀରୁ କୋଇଲା ଅନଲୋଡ କରି ତାଳଚେର ଫେରୁଥିବା ବେଳେ ଟ୍ରକଟି ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସି ପଡ଼ିଥିଲା। ଫଳରେ ଡ୍ରାଇଭର ଯଶୋବନ୍ତ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ବ୍ରିଜ ତଳୁ ଟ୍ରକ ଭିତରୁ ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି। ଡ୍ରାଇଭରଙ୍କ ଘର ଅନୁଗୋଳ ଅଞ୍ଚଳରେ ବୋଲି ଜଣାପଡ଼ିଛି।

**● ସାଧାରଣ ନିର୍ବାଚନ ପ୍ରସ୍ତୁତି**

## ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ



**ହିନ୍ଦୋଳ, ୧୬।୩ (ସମିସ) :** ଢେଙ୍କାନାଳ ଜିଲ୍ଲାରେ ସାଧାରଣ ନିର୍ବାଚନ ପାଇଁ ହିନ୍ଦୋଳ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ସାତମାଇଲ ସ୍ଥିତ ଜନତା ମହାବିଦ୍ୟାଳୟରେ ନିର୍ବାଚନ ତାଲିମ ଅନୁଷ୍ଠିତ ହୋଇଛି। ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ ଅଧିକାରୀ ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ହିନ୍ଦୋଳ ବ୍ଲକ, ଓଡାପଡ଼ା ବ୍ଲକ ଓ ହୋନ୍ଦୋଳ ଏନଏସିରେ କାର୍ଯ୍ୟରତ ୧ହଜାର ୬୮୪ ଜଣ କର୍ମଚାରୀଙ୍କୁ ପ୍ରିଜାଇଡିଂ ଓ ପୋଲିଂ ଅଫିସର ଭାବେ ତାଲିମ ପ୍ରଦାନ କରାଯାଉଛି। କର୍ମଚାରୀମାନଙ୍କୁ ୪ଟି ଭାଗରେ ବିଭକ୍ତ କରାଯାଇ ତାଲିମ ପ୍ରଦାନ କରାଯାଉଛି। ବିଡିଓ, ତହସିଲଦାର, ଏବିଡିଓ, ସହକାରି ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ତାଲିମ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି।

## ମକୁନ୍ଦପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



**ଢେଙ୍କାନାଳ,୧୬।୩(ସମିସ):** ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ କରମୁଳ ପଞ୍ଚାୟତ ମକୁନ୍ଦପୁର ଗ୍ରାମରେ ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଶୁଭାଧିବାସ ଏବଂ କଳସ ସ୍ଥାପନ ପରେ ଶନିବାର ପ୍ରତ୍ୟୁଷରେ ପୂଜାର୍ଚ୍ଚନା ହୋଇ ନାମଯଜ୍ଞ ଆରମ୍ଭ ହୋଇଥିଲା। ପୂଜକ ଭାବେ ନିରାକାର ଦାଶ ଓ କର୍ତ୍ତା ଭାବେ ବୋଧିମନ୍ତ ପ୍ରଧାନ ପୂଜାକାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ଶନିବାର ସନ୍ଧ୍ୟାରେ ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନାମ ସଂକୀର୍ତ୍ତନ କରିଥିଲେ। ରବିବାର ନଗରକୀର୍ତ୍ତନ ଆରମ୍ଭ ହୋଇ ଗ୍ରାମର ଆରାଧ୍ୟ ଦେବତା ରାଧାକୃଷ୍ଣ ଓ ନିତାଇଗୌରଙ୍କୁ ନଗର ପରିକ୍ରମା କରାଯାଇଥିଲା। ପରେ କୁଞ୍ଜଭିତରେ ଦଧିହାଣ୍ଡି ଭଙ୍ଗ କରାଯାଇ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କ କୃପାଭିକ୍ଷା କରିବା ସହ ପ୍ରସାଦସେବନ କରିଥିଲେ। ଗ୍ରାମର ସଭାପତି ମଙ୍ଗୁଳି ଚରଣ ପ୍ରଧାନ, କୋଷାଧକ୍ଷ ନାରାୟଣ ସାମଲଙ୍କ ସମେତ ମକୁନ୍ଦପୁରର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାଙ୍କଡ଼ପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



**ଢେଙ୍କାନାଳ, ୧୬।୩ (ସମିସ):** ସଦର ବ୍ଲକ ଅନ୍ତର୍ଗତ କାଙ୍କଡ଼ପାଳ ଗ୍ରାମରେ ୨୪ତମ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ୧୫ ତାରିଖରେ ଗ୍ରାମର ପୁରୁଷମାନଙ୍କ ଦ୍ୱାରା କଳସ ଯାତ୍ରା, କୁଞ୍ଜରେ ଠାକୁରଙ୍କୁ ସ୍ଥାପନ, ଅଖଣ୍ଡ ଦୀପ ସ୍ଥାପନ କରାଯାଇ ଅଧିବାସ ଆରମ୍ଭ ହୋଇଛି। ଅଦ୍ୟ ପ୍ରାତଃ ୫ ଟାରେ ନାମସଂକୀର୍ତ୍ତନ ଆରମ୍ଭ ହୋଇ ଅହୋରାତ୍ର ଆଖପାଖ ଅଞ୍ଚଳର ୨୫ ଦଳ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ରାତ୍ରରେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ୧୭ ତାରିଖରେ ବୈଠକ କୀର୍ତ୍ତନ ସହିତ ନଗର ଭ୍ରମଣ, ଦଧିହାଣ୍ଡି ଭଗ୍ନ ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। ପୂଜକ ଜଗନ୍ନାଥ ତ୍ରିପାଠୀ ସମସ୍ତ ପୂଜାକୁ ସୁଚାରୁ ରୂପେ ସମାପନ କରୁଛନ୍ତି। ସଭାପତି ଭରତ ସାସମଲ, ଉପସଭାପତି ମାନଗୋବିନ୍ଦ ସାହୁ, କୋଷାଧକ୍ଷ ସନ୍ତୋଷ ପରିଡ଼ାଙ୍କ ସମେତ କର୍ମକର୍ତ୍ତା କୋଦଣ୍ଡ ପରିଡ଼ା, ବିକ୍ରମ ପରିଡ଼ା, ହୃଦାନନ୍ଦ ସାସମଲ, ବିଭୁତି ସାସମଲ, ସନ୍ତୋଷ ସାସମଲ, କାର୍ତ୍ତିକ ସାସମଲ, ଗୁରୁବାରିଆ ଷେଣ୍ଢ, ଲିପୁନୁ ସାସମଲ, ପ୍ରଦୀପ ସାସମଲ, ଲମ୍ବୋଦର ପ୍ରଧାନ, ଗଗନ ବିହାରୀ ସାହୁ, ଅନିଲ୍ ପରିଡ଼ା, ବୁଦ୍ଧଦେବ ସାସମଲ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ




**ଢେଙ୍କାନାଳ, ୧୬।୩ (ସମିସ) :** ସ୍ଥାନୀୟ ଲେଖକ ସଂସଦ ଭବନ ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲ୍ଲା ରାଷ୍ଟ୍ରୀୟ କଳାମଞ୍ଚର ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳା କ୍ଷେତ୍ରରେ ରୁଚି ରଖୁଥିବା ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ଶାନ୍ତିଭୂଷଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଉଷାରାଣୀ ଦାସ, ଏବିଭିପିର ବିଭାଗ ପ୍ରମୁଖ ମୁରଲୀ କିଶୋର ଜେନାମଣି, ଜିଲ୍ଲା ସଂଯୋଜକ ଅରୂପ ପଟ୍ଟନାୟକ, ଶିଳ୍ପୀ ପରେଶ ପଟ୍ଟନାୟକ, ଅଧ୍ୟାପକ ସମୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ପ୍ରତିଭା ସଙ୍ଗମ ଏକକ ନୃତ୍ୟ, ଦଳଗତ ନୃତ୍ୟ, ଏକକ ସଙ୍ଗୀତ, ରଙ୍ଗୋଲି, ପାରମ୍ପରିକ ବେଶଭୂଷା, ନାଟକ, ଏକକ ଅଭିନୟ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। କଳା କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଆଗକୁ ଯିବା ପାଇଁ ଶିଳ୍ପୀ ଶ୍ରୀ ପଟ୍ଟନାୟକ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏବିଭିପିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ସରକାରୀ ଜମିରେ ବେଆଇନ୍ ଗୃହ ନିର୍ମାଣ

**ଢେଙ୍କାନାଳ, ୧୬।୩ (ସମିସ)**

**ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ**



ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ବନମାଳିପ୍ରସାଦ ୱାର୍ଡ ନଂ-୯ରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିକଟରେ ସରକାରୀ ଜମିରେ ବେଆଇନ୍ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ କାର୍ଯ୍ୟରତ ଜଣେକ ଜଗୁଆଳି ଦଖଲ କରି ଉକ୍ତ ସ୍ଥାନରେ ଆଜବେଷ୍ଟସ୍ ଘର କରି ରହି ଆସୁଛନ୍ତି। ଗତ କିଛିଦିନ ତଳେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପ୍ରାଚୀର ପାର୍ଶ୍ୱରେ ବେଆଇନ୍ ଭାବେ ଘର ନିର୍ମାଣ କରିଥିବାର ଅଭିଯୋଗ ପାଇ ପୌରସଂସ୍ଥା ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଉକ୍ତ ଜଗୁଆଳି ଜଣକ ସ୍ଥାନୀୟ କାଉନ୍ସିଲର ଅର୍ଥ ନେଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ପୌରସଂସ୍ଥାର ଜଗୁଆଳିଙ୍କ ଘର ନିର୍ମାଣକୁ ଦେଖି ଅନେକ ବ୍ୟକ୍ତି ସରକାରୀ ଜାଗାରେ ବେଆଇନ୍ ଭାବେ ଘର ନିର୍ମାଣ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଓ ସ୍ଥାନୀୟ କାଉନ୍ସିଲର ସୂର୍ଯ୍ୟପ୍ରତାପ ରାଉତ ଜିଲ୍ଲାପାଳ, ଏସ୍ପି, ତହସିଲଦାର, ପୌରନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ସରକାରୀ ଜମିରେ ବେଆଇନ୍ ଭାବେ ଗୃହ ନିର୍ମାଣ କରାଯାଇଥିବାରୁ ଏନେଇ ଉଚିତ୍ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ



**କାମାକ୍ଷାନଗର, ୧୬।୩ (ସମିସ) :** ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ନବନିଯୁକ୍ତ ୨୮ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସିଆରସିସିଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମିତ୍ତ ଶିକ୍ଷଣ ଫଳାଫଳ, ଶିକ୍ଷଣ ସାମଗ୍ରୀ, ଶିକ୍ଷଣ କାର୍ଯ୍ୟ, ମାନ ନିର୍ଦ୍ଧାରଣ, ତଥ୍ୟ ସଂଗ୍ରହ ଓ ପରିଚାଳନା, ଶୈକ୍ଷିକ ସହାୟତା ପ୍ରଦାନ, ଡିଆଇଇଟି.ଓ ସିଆରସିସି. ଲିଙ୍କେଜ ଆଦି ପ୍ରସଙ୍ଗ ଉପରେ ଚାରିଦିନ ଧରି ବିଚାର ବିମର୍ଶ ହୋଇଥିଲା। ଉଦଯାପନୀ ଦିବସରେ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷାଧିକାରିଣୀ ବିନୀତା ସେନାପତି ଓ ଅତିରିକ୍ତ ଶିକ୍ଷା ଅଧିକାରିଣୀ ସସ୍ମିତା ସାହୁ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ ଓ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ପ୍ରଶିକ୍ଷିକା ବିନ୍ଦୁ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଭିନ୍ନ ଅଧିବେଶନରେ ପ୍ରଶିକ୍ଷିକା ଭାବରେ ସ୍ନେହଲତା ରାଜ, ପ୍ରତିଭା ଦଳେଇ, ସୌମ୍ୟା ପଟ୍ଟନାୟକ, ସ୍ୱାଗତିକା ସ୍ୱାଇଁ, ସ୍ୱାଗତିକା ସରଣ, ସୁଦୀପ୍ତା ମିଶ୍ର, ହରପ୍ରିୟା ପୃଷ୍ଟି, ଓ ପ୍ରଭାତୀ ସ୍ୱାଇଁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

